ବର୍ଷ 1, ସଂଖ୍ୟା 18

ନ୍ୟୁ ଇଣ୍ଡିଆ

ମାର୍ଚ୍ଚ 16-31, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

ସମାଚାର

ସ୍ଥାନୀୟ ଖେଳଣା ବିଶ୍ୱ କ୍ରୀଡ଼ାଙ୍ଗନ

ଆନ୍ତର୍ଜାତିକ ଖେଳଣା ବଜାରରେ ନିଜର ଅଂଶ ବଢାଇବା ପାଇଁ ଭାରତୀୟ କଣ୍ଢେଇ ଉଦ୍ୟୋଗର ପ୍ରଚୁର ଦକ୍ଷତା ରହିଛି । ଦେଶର କୋଣଅନୁକୋଣରେ କଣ୍ଢେଇ ତିଆରି ହୁଏ । ସରକାରୀ ଉଦ୍ୟମ ଫଳରେ ଭାରତ ବିଶ୍ୱର ଏକ ପ୍ରମୁଖ ଖେଳଣା ଉତ୍ପାଦନକାରୀ ରାଷ୍ଟ୍ର ହେବାକୁ ଯାଉଛି ।

ବିଜ୍ଞାନ ଓ ନବସୃଜନ ଆତ୍ମନିର୍ଭର ଭାରତର ଚାବି

ପ୍ରଧାନମନ୍ତ୍ରୀଙ୍କ ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ଅଗ୍ରାଧିକାର ପାଇଛି । ସେ ନବସୃଜନ ଓ ଜଳ ସଂରକ୍ଷଣ କ୍ଷେତ୍ରରେ ଜନସହଯୋଗ ଲୋଡିଛନ୍ତି । ତାଙ୍କ ଭାଷଣର ମୁଖ୍ୟାଂଶ ।

ଜଳ ହିଁ ଅମୃତ

ମାଘ ମାସ ନଦୀ, ହ୍ରଦ ଓ ଅନ୍ୟାନ୍ୟ ଜଳ ଉତ୍ସ ସହ ସଂପୃକ୍ତ । ଭାରତରେ ଏମିତି କୌଣସି ଦିନ ନାହିଁ ଯେଉଁଦିନ ଜଳ ସହ ସଂପୃକ୍ତ ପର୍ବପର୍ବାଣି ବା ଉତ୍ସବ ପାଳନ କରାଯାଏନା । ଆମ ପାଇଁ ଜଳ ହିଁ ଜୀବନ; ବିଶ୍ୱାସ ଓ ବିକାଶର ପ୍ରବାହ । ଚଳିତବର୍ଷ ହରିଦ୍ୱାରରେ କୁମ୍ଭମେଳା ଆୟୋଜିତ ହେଉଛି । ଏହି ଅବସରରେ ଆମେ ବର୍ଷାଜଳର ସଂରକ୍ଷଣ ଏବଂ ଆମ ଚତୁଃପାଶ୍ୱର୍ରେ ଥିବା ଜଳଉତ୍ସକୁ ପରିଷ୍କାର କରିବା ପାଇଁ ଏକ ୧୦୦ ଦିନିଆ ଅଭିଯାନ ଆରମ୍ଭ କରିପାରିବା କି ? ଏହି ବିଚାର ନେଇ ଖୁବ୍ କମ୍ ଦିନରେ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜଳଶକ୍ତି ଅଭିଯାନ, 'କ୍ୟାଚ୍ ଦି ରେନ୍' ଆରମ୍ଭ କରାଯିବ ।

ସନ୍ଥ ରବି ଦାସ ଜୟନ୍ତୀ

ସନ୍ଥ ରବି ଦାସଜୀଙ୍କ ଜୟନ୍ତୀ ମାଘ ପୂର୍ଣ୍ଣିମାରେ ପାଳିତ ହୁଏ । ଏବେ ମଧ ସନ୍ଥ ରବି ଦାସଙ୍କ ଜ୍ଞାନ ଓ ବାଣୀ ଆମକୁ ଦିଗ୍‌ଦର୍ଶନ ଦେଉଛି ।

ସି.ଭି ରମଣଙ୍କ ସ୍ମରଣେ

ପ୍ରଖ୍ୟାତ୍ ବୈଜ୍ଞାନିକ ଏବଂ 'ରମଣ ଇଫେକ୍ଟ'ର ଉଦ୍ଭାବକ ଡ. ସି.ଭି ରମଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଫେବୃୟାରୀ ୨୮କୁ ଜାତୀୟ ବିଜ୍ଞାନ ଦିବସଭାବେ ପାଳନ କରାଯାଉଛି । ଆମେ ବିଶ୍ୱର ଅନ୍ୟାନ୍ୟ ବୈଜ୍ଞାନିକଙ୍କ ବିଷୟରେ ଯେପରି ଅବଗତ ଅଛୁ, ସେହିଭଳି ଭାରତର ବୈଜ୍ଞାନିକମାନଙ୍କୁ ଭଲଭାବେ ଜାଣିବା ମଧ ଉଚିତ ।

ନବସୃଜନ

ଆତ୍ମନିର୍ଭର ଭାରତ ଅଭିଯାନରେ ବିଜ୍ଞାନର ଯଥେଷ୍ଟ ଅବଦାନ ରହିଛି । ଆମକୁ ଲ୍ୟାବ୍ ଟୁ ଲ୍ୟାଣ୍ଡ ମନ୍ତ୍ରରେ ଦୀକ୍ଷିତ ହୋଇ ଆଗକୁ ବଢ଼ିବାକୁ ପଡିବ। ହାଇଦରାବାଦର ଚିନ୍ତାଲା ଭେଙ୍କଟ ରେଡ୍ଡିଜୀ ଭିଟାମିନ 'ଡି' ଥିବା ସ୍ୱତନ୍ତ୍ର ଧରଣର ବିଭିନ୍ନ ପ୍ରକାରର ଗହମ ଓ ଧାନ ବିକଶିତ କରିଛନ୍ତି । ଚଳିତବର୍ଷ ସେ ଜେନେଭା ସ୍ଥିତ ବିଶ୍ୱ ସ୍ୱତ୍ୱାଧିକାର ପ୍ରତିଷ୍ଠାନରୁ ସେ ଏଥିପାଇଁ ଏକ ପ୍ୟାଟେଣ୍ଟ ପାଇଛନ୍ତି । ସେହିଭଳି ଗୁଜରାଟର ପଉନ ଜିଲ୍ଲା ନିବାସୀ କାମରାଜ ଭାଇ ଚୌଧାରୀ ସଜନା ଛୁଇଁର ଏକ ଉତ୍ତମ ବୀଜ ବିକଶିତ କରିଛନ୍ତି ।

ଆତ୍ମନିର୍ଭର ଭାରତ

ଆତ୍ମନିର୍ଭର ଭାରତ ଏକ ଜାତୀୟ ଉତ୍ସାହ ଓ ଚେତନା। ଆମେ ଯେତେବେଳେ ଭାରତ ତିଆରି ଯୁଦ୍ଧବିମାନ ତେଜସ୍, ଟ୍ୟାଙ୍କ, କ୍ଷେପଣାସ୍ତ୍ର, ମେଟ୍ରୋ ଟ୍ରେନ ଏବଂ ଭାରତ ତିଆରି କରୋନା ଟିକା ବିଭିନ୍ନ ଧନୀ ଓ ବିକଶିତ ଦେଶରେ ଦେଖୁ ସେତେବେଳେ ଆମ ମଥା ଗର୍ବରେ ଉଚ୍ଚା ହୋଇଯାଏ । ସେହିଭଳି ଆମକୁ ବୟନ ଓ ବସ୍ତ୍ର, ହସ୍ତଶିଳ୍ପ ସାମଗ୍ରୀ, ଇଲେକ୍‌ଟ୍ରୋନିକ୍ସ ଉପକରଣ, ମୋବାଇଲ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତି କରିବାକୁ ପଡିବ । ଆତ୍ମନିର୍ଭର ଭାରତର ମନ୍ତ୍ର ଦେଶର ଗାଁଗୁଡିକରେ ପହଞ୍ଚିବାରେ ଲାଗିଛି ।

ପରୀକ୍ଷା ଯୋଦ୍ଧା

କରୋନା ଭୂତାଣୁ ସଂକ୍ରମଣ ସମୟରେ ମୁଁ କିଛି ସମୟ ବାହାର କରି ପରୀକ୍ଷାର୍ଥୀମାନଙ୍କ ପାଇଁ କେତେକ ନୂଆ ମନ୍ତ୍ର ଯୋଡିଥିଲି । ନରେନ୍ଦ୍ର ମୋଦୀ ଆପ୍‌ରେ ଏହିସବୁ ମନ୍ତ୍ରର ଅନେକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ସ୍ଥାନ ପାଇଛି । ଯେଉଁମାନେ ପରୀକ୍ଷା ଦେବାକୁ ଯାଉଛନ୍ତି ସେହି ଯୋଦ୍ଧାମାନଙ୍କୁ ଏହା ବିଶେଷ ସହାୟକ ହେବ ।

କରୋନା ଲଢେଇରେ ଢିଲା ନାହିଁ

ମାର୍ଚ୍ଚ ଆର୍ଥିକ ବର୍ଷର ଶେଷ ମାସ । ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ମାନ ଯେଉଁଭଳି ଘନୀଭୂତ ହେଉଛି ତାହାଦ୍ୱାରା ଆମ ବ୍ୟବସାୟୀ ଓ ଉଦ୍ୟୋଗୀ ବନ୍ଧୁମାନଙ୍କର କାମ ବଢୁଛି । ଏଭଳି ସମୟରେ କରୋନା ବିରୋଧରେ ଚାଲିଥିବା ଆମର ଲଢେଇରେ ଢିଲା ଦେବାର ଅବକାଶ ନାହିଁ ।

ମନ୍ କୀ ବାତ୍ ଶୁଣିବା ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ

ନ୍ୟୁ ଇଣ୍ଡିଆ
ସମାଚାର
ବର୍ଷ 1, ସଂଖ୍ୟା 18 ମାର୍ଚ୍ଚ 16-31, 2021

ସମ୍ପାଦକ
ଜୟଦୀପ ଭଟ୍ଟନାଗର
ପ୍ରମୁଖ ମହାନିର୍ଦ୍ଦେଶକ, ପିଆଇବି,
ନୂଆଦିଲ୍ଲୀ

ଉପଦେଷ୍ଟା ସମ୍ପାଦକ
ବିନୋଦ କୁମାର
ସନ୍ତୋଷ କୁମାର

ଅଳଙ୍କରଣ
ରବୀନ୍ଦ୍ର କୁମାର ଶର୍ମା

ପ୍ରକାଶକ ଓ ମୁଦ୍ରାକାର
ସତ୍ୟେନ୍ଦ୍ର ପ୍ରକାଶ,
ପ୍ରମୁଖ ମହାନିର୍ଦ୍ଦେଶକ, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ
କମ୍ୟୁନିକେସନ

Printed at
Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-1210030

ପ୍ରକାଶିତ
ବ୍ୟୁରୋ ଅଫ ଆଉଟରିଚ ଏବଂ
କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

ନ୍ୟୁ ଇଣ୍ଡିଆ ସମାଚାର

RNI No. : DELODI/2020/78831

response-nis@pib.gov.in

ସୂଚିପତ୍ର

1	ସମ୍ପାଦକୀୟ	ପୃଷ୍ଠା. 02
2	ଚିଠିପତ୍ର	ପୃଷ୍ଠା. 03
3	ସଂକ୍ଷିପ୍ତ ସମ୍ବାଦ	ପୃଷ୍ଠା. 04-05
4	ବ୍ୟକ୍ତିତ୍ୱ	ପୃଷ୍ଠା. 06
5	ଆନ୍ତର୍ଜାତିକ ସୁଖ ଦିବସ	ପୃଷ୍ଠା. 07
6	ଓଟିଟି, ସାମାଜିକ ଗଣମାଧ୍ୟମ ନିର୍ଦ୍ଦେଶାବଳୀ	ପୃଷ୍ଠା. 08-09
7	ପ୍ରଚ୍ଛଦ କାହାଣୀ	ପୃଷ୍ଠା. 10-25
8	ନୀତି ଆୟୋଗ	ପୃଷ୍ଠା. 26
9	କ୍ୟାବିନେଟ ନିଷ୍ପତ୍ତି	ପୃଷ୍ଠା. 27
10	ପିଏମ୍‌କିଜେକେୱାଇର ଏକବର୍ଷ	ପୃଷ୍ଠା. 28-29
11	ବଜେଟର କାର୍ଯ୍ୟକାରିତା	ପୃଷ୍ଠା. 30-31
12	ଆନ୍ତର୍ଜାତିକ ବନ ଓ ଜଳଦିବସ	ପୃଷ୍ଠା. 32-33
13	ଶିକ୍ଷା	ପୃଷ୍ଠା. 34-35
14	ସାର୍ବଜନୀନ ଟିକାକରଣ	ପୃଷ୍ଠା. 36-37
15	କରୋନା ବିରୋଧରେ ଲଢେଇ	ପୃଷ୍ଠା. 38
16	ବିଶ୍ୱଭାରତୀ ଓ ଆଇଆଇଟି ଖଡଗପୁରରେ ପ୍ରଧାନମନ୍ତ୍ରୀ	ପୃଷ୍ଠା. 39
17	ସକାରାତ୍ମକ ଦୃଷ୍ଟିକୋଣ	ପୃଷ୍ଠା. 40

ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ଗୋଟିଏ ଖେଳଣା ପିଲାଙ୍କୁ ଅଶେଷ ଆନନ୍ଦ ଦେଇଥାଏ ଏବଂ ସେମାନଙ୍କ କଅଁଳ ମନରେ ଅଲିଭା ସ୍ମୃତି ଛାଡିଯାଏ । କଣ୍ଢେଇ ସହ ଜଡିତ ସ୍ମୃତି ପିଲାମାନଙ୍କୁ ସେମାନଙ୍କ ଜୀବନସାରା ଅନୁପ୍ରାଣିତ କରେ। ଭାରତରେ ସ୍ଥାନୀୟଭାବେ ନିର୍ମିତ କଣ୍ଢେଇର ଏକ ସମୃଦ୍ଧ ପରମ୍ପରା ରହିଛି । ହେଲେ ଭାରତୀୟ ବଜାରରେ ବିଦେଶୀ କଣ୍ଢେଇର ପ୍ରାବଲ୍ୟ ଯୋଗୁଁ ଆମ ଦେଶୀ ଖେଳଣା ସବୁ ଗୁରୁତ୍ୱ ହରାଉଛନ୍ତି । ବିଶ୍ୱରେ ଭାରତରେ ସବୁଠୁ ଅଧିକ କଣ୍ଢେଇ ବ୍ୟବହାର ହୁଏ । ଏହା ସତ୍ତ୍ୱେ ବିଶ୍ୱ କଣ୍ଢେଇ ବଜାରରେ ଭାରତର ଅଂଶ ମାତ୍ର ୦.୫ ଶତାଂଶ । ଏଭଳି ସ୍ଥିତିରେ ଭାରତ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଦେଶର କଣ୍ଢେଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି । କଣ୍ଢେଇ ବା ଖେଳଣା ସହାୟତାରେ ସରକାର ପିଲାମାନଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ପ୍ରବେଶ କରାଇବାକୁ ଚାହୁଁଛନ୍ତି । ଏହାଦ୍ୱାରା ମଧ୍ୟ ସରକାର ଖେଳଣା ଉଦ୍ୟୋଗକୁ ବିଶ୍ୱାସକୁ ନେଇ ପିଲାଙ୍କୁ ରାସାୟନିକ ପଦାର୍ଥ ମୁକ୍ତ ଖେଳଣା ଯୋଗାଇ ଦେବାକୁ ଚାହାନ୍ତି । ଏଭଳି ଉଦ୍ୟମ ଦ୍ୱାରା ଭାରତୀୟ ଅର୍ଥନୀତି କେବଳ ବଦଳିବ ନାହିଁ, ପିଲାମାନେ କ୍ଷତିକାରକ ପ୍ରଭାବରୁ ମୁକ୍ତ ହୋଇପାରିବେ । ନିଉ ଇଣ୍ଡିଆ ସମାଚାରର ଚଳିତ ସଂଖ୍ୟାର ପ୍ରଚ୍ଛଦ କାହାଣୀରେ କଣ୍ଢେଇ ଉଦ୍ୟୋଗକୁ ଆତ୍ମନିର୍ଭର କରିବା ପାଇଁ ଭାରତ ସରକାର ଯେଉଁସବୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି ତାହା ସ୍ଥାନ ପାଇଛି ।

ଏଥିସହିତ ଚଳିତ ସଂସ୍କରଣରେ କରୋନା ପରବର୍ତ୍ତୀ ସମୟରେ ପିଲାମାନଙ୍କ ସ୍କୁଲ ଯିବା ସଂପର୍କରେ ମଧ୍ୟ ରିପୋର୍ଟ ସ୍ଥାନିତ ହୋଇଛି । ଏହାଛଡା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଲାଭ କିପରି କୋଟି କୋଟି ଲୋକଙ୍କ ମୁହଁରେ ହସ ଆଣିଛି ତାହା ମଧ୍ୟ ଏଥିରେ ସ୍ଥାନ ପାଇଛି । ଏହା ଶେଷ ନୁହେଁ, ବରଂ ଆତ୍ମନିର୍ଭର ଭାରତ ଅଭିଯାନ କିପରି ଏକ ଜାତୀୟ ଉତ୍ସାହ ଓ ଚେତନାରେ ପରିଣତ ହେଉଛି ତାହାର ଆରମ୍ଭର କଥା କହୁଛି ।

ପୂର୍ବଭଳି ଶ୍ରଦ୍ଧା ଓ ବିଶ୍ୱାସର ସହିତ ଆପଣଙ୍କର ମତାମତ ଆମକୁ ଜଣାନ୍ତୁ ..... ।

ଠିକଣା : ବ୍ୟୁରୋ ଅଫ୍ ଆଉଟରିଚ୍ ଏଣ୍ଡ କମ୍ୟୁନିକେସନ
ସେକେଣ୍ଡ ଫ୍ଲୋର, ସୂଚନା ଭବନ, ନୂଆଦିଲ୍ଲୀ-୧୧୦୦୦୩
ଇମେଲ : response-nis@pib.gov.in

(ଜୟଦୀପ ଭଟ୍ଟନାଗର)

ଚିଠି ବାକ୍ସ



ନିଉ ଇଣ୍ଡିଆ ସମାଚାର ଭଳି ଏକ ଦରକାରୀ ପତ୍ରିକା ପ୍ରକାଶ କରୁଥିବାରୁ ଅଭିନନ୍ଦନ । ମୁଁ ଏହାର ଫେବୃୟାରୀ ସଂସ୍କରଣ ଅନ୍‌ଲାଇନରେ ପଢ଼ିଲି । ସରଳ ଭାଷାରେ ସଂକ୍ଷିପ୍ତଭାବେ ଏହାର ବିଷୟବସ୍ତୁଗୁଡିକ ଉପସ୍ଥାପିତ ହୋଇଥିବାରୁ ଖୁସି ହେଲି ।
ଏହି ପତ୍ରିକାର ପୁରୁଣା ସଂଖ୍ୟାଗୁଡିକ କେଉଁଠୁ ମିଳିବ ତାହା ଜଣାଇବାକୁ ଅନୁରୋଧ । ମୋ ଇ-ମେଲ ଆଇଡିକୁ ଉଭୟ ଇଂଲିଶ ଓ ହିନ୍ଦୀ ସଂସ୍କରଣ ପଠାଇଲେ ଉପକୃତ ହେବି ।

ଜାଗୃତି ପାଣ୍ଡେ
ଏମ କମ୍, ଏଲଏଲବି, ଏସିଏସ
ଲକ୍ଷ୍ନୌ,
csjagritipandey@gmail.com

ଡିଜିଟାଲ କ୍ୟାଲେଣ୍ଡର

ଭାରତ ସରକାରଙ୍କ ଡିଜିଟାଲ କ୍ୟାଲେଣ୍ଡର ଓ ଡାଏରୀରେ ସରକାରଙ୍କର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଏବଂ ପ୍ରକାଶନୀ ସମ୍ପର୍କରେ ସଦ୍ୟତମ ସୂଚନା ସହିତ ରହିଛି ସରକାରୀ ଛୁଟିଦିନ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତାରିଖ।

ଏହାକୁ ଗୁଗଲ ପ୍ଲେ ଷ୍ଟୋର ଓ ଆଇଓଏସରୁ ଡାଉନଲୋଡ୍ କରାଯାଇପାରିବ।

ଗୁଗଲ ପ୍ଲେ ଷ୍ଟୋର ଲିଙ୍କ
https://play.google.com/store/apps/details?id=in.gov.calendar

ଆଇଓଏସ ଲିଙ୍କ
https://apps.apple.com/in/app/goi-calendar/id1546365594

https://goicalendar.gov.in/

ଏହି ପତ୍ରିକାର ବିଷୟବସ୍ତୁଗୁଡିକର ରୂପରେଖ ବଢ଼ାଇବାରେ ହେଉଥିବା ବଡଧରଣର ଉଦ୍ୟମ ଦେଖି ବିମୋହିତ ହେଲି। ଚିତ୍ରଗତ ଉପସ୍ଥାପନ, ସୁନ୍ଦର ଅକ୍ଷର ଏବଂ ପ୍ରତିବିମ୍ବ ବେଶ୍ ମନଛୁଆଁ । ଏହାଦ୍ୱାରା ପାଠକ ଶେଷ ପର୍ଯ୍ୟନ୍ତ ପତ୍ରିକାରେ ବାନ୍ଧିହୋଇ ରହିବେ । ଏହି ଉତ୍ତମ କାର୍ଯ୍ୟ ଜାରି ରହୁ । ଧନ୍ୟବାଦ ।

ଋତୁରାଜ ମହାନ୍ତି
ଡିପାର୍ଟମେଣ୍ଟ ଅଫ କମ୍ପ୍ୟୁଟର ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ
ଇଣ୍ଡିଆନ୍ ସ୍କୁଲ ଅଫ୍ ଟେକ୍ନୋଲଜି ଦିଲ୍ଲୀ
"Ruturaj Mohanty mcs18" <Ruturaj.Mohanty.mcs18@cse.iitd.ac.in>;

ଏହି ସୁନ୍ଦର ପତ୍ରିକା ପାଇଁ ଆପଣମାନଙ୍କୁ ସମସ୍ତଙ୍କୁ ଅଭିନନ୍ଦନ। ନୂଆ ଭାରତ ଗଠନ କରିବା ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପକୁ ଏହି ପତ୍ରିକା ମାଧ୍ୟମରେ ଆପଣ ସୁନ୍ଦରଭାବେ ଉପସ୍ଥାପିତ କରୁଛନ୍ତି । ମୁଁ ଫେବୃୟାରୀ ୧୬-୨୮ ଅନ୍‌ଲାଇନ ପଢ଼ିବାର ସୁଯୋଗ ପାଇଲି । ଏହି ପତ୍ରିକାର ଛାପା ସଂସ୍କରଣରେ ବାର୍ଷିକ ଗ୍ରାହକ ହେବାକୁ ମୁଁ ଆଗ୍ରହୀ । ପତ୍ରିକାର ସାମଗ୍ରିକ ଉନ୍ନତି ପାଇଁ ଆପଣଙ୍କୁ ଅଭିନନ୍ଦନ ।

ଅଭୟକାନ୍ତ ଝା
Email ID - avypur@gmail.com

ଆପଣଙ୍କ ଯାତ୍ରାରେ ମୋତେ ସହଯାତ୍ରୀ କରିଥିବାରୁ ଅଶେଷ ଧନ୍ୟବାଦ । ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରିପରିଷଦ ଗତ କେଇବର୍ଷ ମଧ୍ୟରେ ଚମତ୍କାର କାର୍ଯ୍ୟ କରିଛନ୍ତି ଏବଂ ଏ କ୍ଷେତ୍ରରେ ଉଦାହରଣୀୟ ତ୍ୟାଗ ଓ ସହନଶୀଳତା ପ୍ରଦର୍ଶନ କରିଛନ୍ତି । ୩୭୦ ଧାରାର ଉଚ୍ଛେଦ, ବିମୁଦ୍ରାୟନ ଏବଂ ଜିଏସ୍‌ଟି ପ୍ରବର୍ତ୍ତନ ଆଦି କେତେକ ପଦକ୍ଷେପରୁ ସରକାରଙ୍କ ଉତ୍ସର୍ଗୀକୃତ ଭାବନା ଓ ଅଙ୍ଗୀକାରର ପରିଚୟ ମିଳେ ।

ସତ୍ୟପ୍ରକାଶ ପଟ୍ଟନାୟକ
ପାଞ୍ଚଗୋଛିଆ, ମୋରଡା
ମୟୂରଭଞ୍ଜ
pattnayaksp80@gmail.com

ଭାରତରେ ତିଆରି ହେଲା ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ

ଗୁଜରାଟର ଅହମ୍ମଦାବାଦରେ ନିର୍ମିତ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୨୧ ଫେବୃୟାରୀ ୨୪ ତାରିଖରେ ଉଦ୍‌ଘାଟନ କରିଛନ୍ତି । ଏହା ଏକ ପରିବେଶ ଅନୁକୂଳ ବିକାଶ ପ୍ରକ୍ରିୟାର ନମୁନା, ଯାହା ଗ୍ରୀନ ବିଲ୍ଡିଂ ସାର୍ଟିଫିକେସନରେ ସର୍ବାଧିକ ମାନ୍ୟତା ଗୋଲ୍ଡ ରେଟିଂ ପାଇଛି । ଆଗରୁ ଏହା ନାମ ଥିଲା ମୋଟେରା ଷ୍ଟାଡିୟମ। ଏବେ ତାହାକୁ ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମ ନାମରେ ନାମିତ କରାଯାଇଛି । ଏହି ଷ୍ଟାଡିୟମରେ ୧.୩୨ ଲକ୍ଷ ଦର୍ଶକ ବସିବାର ସୁବିଧା ରହିଛି । ଏଥିରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ମାନ ଉପଲବ୍ଧ । ମୋଟ ୬୩ ଏକର ଜମି ଉପରେ ପିଲରବିହୀନ ଏହି ଷ୍ଟାଡିୟମ ନିର୍ମାଣ ପାଇଁ ୮୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଷ୍ଟାଡିୟମରେ ଏଲଇଡି ଲାଇଟର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ପିଚ୍ ଉପରେ ଖେଳାଳିଙ୍କର ଛାଇ ପଡିବ ନାହିଁ । ଏଲ୍ଇଡି ବ୍ୟବସ୍ଥା ଫଳରେ ବିଜୁଳି ବ୍ୟବହାର ୪୦ରୁ ୫୦ ଭାଗ କମିବ । ବିଶ୍ୱର ଏହି ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ



ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଅଂଶବିଶେଷ। ସର୍ଦ୍ଦାର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅତିକମରେ ୨୦ଟି ଷ୍ଟାଡିୟମ ନିର୍ମିତ ହେବ ଏବଂ ସେଗୁଡିକୁ ଆନ୍ତର୍ଜାତିକ ସ୍ତରରେ ଭାରତ ପାଇଁ ଗୌରବ ଆଣିଥିବା କ୍ରୀଡାବିତଙ୍କ ନାମରେ ନାମିତ କରାଯିବ । ଏହି ୨୩୩ ଏକର ବିଶିଷ୍ଟ ଅଭିଳାଷୀ ସ୍ପୋର୍ଟ୍ସ ଏନ୍‌କ୍ଲେଭ ଭାରତର ସର୍ବବୃହତ୍ ସ୍ପୋର୍ଟ୍ସ ଏନ୍‌କ୍ଲେଭ ହେବ ।

ଯୋଗ ଦିବସ ପାଇଁ ତାଲିମ କାର୍ଯ୍ୟକ୍ରମ

୨୦୧୫ଠାରୁ ଆନ୍ତର୍ଜାତିକ ଯୋଗ ଦିବସ ପ୍ରତିବର୍ଷ ଜୁନ୍ ୨୧ରେ ସାରା ବିଶ୍ୱରେ ପାଳିତ ହୋଇଆସୁଛି । ଯୋଗାଭ୍ୟାସକୁ ଦେଶବିଦେଶରେ ଅଧିକ ଲୋକପ୍ରିୟ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ କମନ୍ ଯୋଗ ପ୍ରୋଟୋକଲ ବା ସିୱାଇପି ନୀତି ପ୍ରଣୟନ ଅନ୍ୟତମ । ଏହା ମୁଖ୍ୟତଃ ଯୋଗ ତାଲିମ ପାଇଁ ଉଦ୍ଦିଷ୍ଟ । ଦଳେ ଯୋଗ ବିଶେଷଜ୍ଞଙ୍କୁ ନେଇ ଏହି ସିୱାଇପି ତିଆରି ହୋଇଛି । ନିରାପଦଭାବେ ଯୋଗାଭ୍ୟାସ କରିବା ସହିତ ଶାରୀରିକ, ମାନସିକ, ଭାବନାତ୍ମକ ଓ ଆଧାତ୍ମିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏହାର ଲକ୍ଷ୍ୟ । ଆୟୁଷ ମନ୍ତ୍ରଣାଳୟ ଅନ୍‌ଲାଇନରେ ସିୱାଇପିକୁ ପ୍ରୋତ୍ସାହିତ କରୁଛି । ଏଥିପାଇଁ ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରଶିକ୍ଷଣ ଦିଆଯାଉଛି । ଫେବୃୟାରୀ ୨୦୨୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରତିମାସ ପ୍ରଥମ ଦିବସରେ ସକାଳ ୭ଟାରେ ଆରମ୍ଭ ହେଉଛି । ଆସନ୍ତା ଜୁନ୍ ମାସ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ।

ଭୂସ୍ଥାନିକ ତଥ୍ୟାବଳୀ ପାଇଁ ସରକାରଙ୍କ ଉଦାରବାଦୀ ନିର୍ଦ୍ଦେଶାବଳୀ

ଭୂସ୍ଥାନିକ ତଥ୍ୟାବଳୀ ବା ଜିଓ ସ୍ପେଶିଆଲ ଡାଟା କ୍ଷେତ୍ରରେ ସରକାର ଉଦାରବାଦୀ ନିର୍ଦ୍ଦେଶାବଳୀ ଘୋଷଣା କରିଛନ୍ତି । ଏହି ତଥ୍ୟାବଳୀ ଆଧାରରେ ଭୂପୃଷ୍ଠର ବିଭିନ୍ନ ସ୍ଥାନର ଚିତ୍ର ଓ ଡାଟା ଉତ୍ତୋଳିତ ହୋଇଥାଏ । ସରକାର ଏହି ନୀତିକୁ କୋହଳ କରିଥିବାରୁ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭାରତୀୟ ସଂସ୍ଥାନଗୁଡିକ ଉପକୃତ ହେବେ । ଏଭଳି କୌଣସି ତଥ୍ୟ ସଂଗ୍ରହ ପାଇଁ ଆଉ ସରକାରଙ୍କ ପ୍ରାକ୍ ଅନୁମୋଦନ, ଅନୁମତିପତ୍ର କିମ୍ବା ନିରାପତ୍ତାଗତ ନିର୍ଦ୍ଦେଶର ଆବଶ୍ୟକତା ପଡିବ ନାହିଁ । ମାନଚିତ୍ର ପ୍ରସ୍ତୁତି, ଡାଟା ସେବା ଆଦି ସଂଗ୍ରହ ଓ ହସ୍ତାନ୍ତର କ୍ଷେତ୍ରରେ ମଧ୍ୟ ଆଉ କଟକଣା ରହିବ ନାହିଁ । ଏହି ନିଷ୍ପତ୍ତି ଫଳରେ ଇସ୍ରୋ ଭଳି ପ୍ରତିଷ୍ଠାନ ଭୂସ୍ଥାନିକ ତଥ୍ୟାବଳୀ ସଂଗ୍ରହ ପାଇଁ ସର୍ବସାଧାରଣରୁ ପାଣ୍ଠି ସଂଗ୍ରହ କରିପାରିବେ । ଏହିସବୁ ତଥ୍ୟ ବୈଜ୍ଞାନିକ, ଆର୍ଥିକ ଓ ବିକାଶମୂଳକ କାର୍ଯ୍ୟରେ ବ୍ୟବହୃତ ହୋଇପାରିବ । ଏହି ନିଷ୍ପତ୍ତି ଫଳରେ ଦେଶର ଜିଓ ସ୍ପେଶାଲ ଅର୍ଥନୀତି ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଏ ।

ପ୍ରତ୍ୟାବର୍ତ୍ତନ ପଥରେ ଭାରତର ଅର୍ଥନୀତି; ସକାରାତ୍ମକ ସ୍ଥିତିରେ ଜିଡିପି

Interview | Cover Story

"We are cautiously optimistic with our long-term approach"

From *Jaan Hai to Jahan Hai* to *Jaan Bhi Aur Jahan Bhi*, India has come a long way from not only saving lives but also bringing the economy on track. The country with 137 Crore population is not only faring better in terms of dealing with COVID-19 pandemic onslaught but also its impact on the economy. The upturn in the economy is visible by various indicators which has been made possible due to proper planning, better execution and a decisive leadership. In an exclusive conversation,Chief Economic Advisor Dr K V Subramanian spoke to Consulting Editors of New India Samachar Vinod Kumar and Santosh Kumar on various issues including future roadmap of the economy. Excerpts:

Q India's preparation to check COVID-19 pandemic not only saved lives but also gave a new impetus to the economy. How did the Government's plan work effectively, which is taking the country towards a new hope?

A When cases of COVID-19 started increasing in other countries around March, we studied the pattern of Spanish Flu pandemic that struck around 102 years ago. The one thing that came out of it that countries where lockdown was properly implemented with lesser mortality rate, the economic recovery was much better. The inference came out from this that we have to chalk out a long term strategy. The Government's priority was to save lives first and then to take care of the GDP. The Prime Minister said it correctly, '*Jaan Hai to Jahan Hai*'. After people followed his words and the nation was recovering fast, the slogan of '*Jaan*

New India Samachar | 27

୨୦୨୦-୨୧ ତୃତୀୟ ତ୍ରୟମାସିକରେ ଭାରତୀୟ ଅର୍ଥନୀତିରେ ୦.୪ ଶତାଂଶ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । ପ୍ରଥମ ତ୍ରୟମାସିକରେ ଅର୍ଥନୀତି କରୋନା ମହାମାରୀ ଓ ରାଷ୍ଟ୍ରବ୍ୟାପୀ ଲକ୍‌ଡାଉନ ଯୋଗୁଁ ୨୩.୯ ଶତାଂଶ ହ୍ରାସ ପାଇଥିଲା । ଜୁଲାଇ-ସେପ୍‌ଟେମ୍ବର ଦ୍ୱିତୟ ତ୍ରୟମାସିକରେ ଭାରତୀୟ ଜିଡିପି ୭.୫ ଶତାଂଶ ସଂକୁଚିତ ହୋଇଥିଲା । ଏହା ଥିଲା କ୍ରମାଗତଭାବେ ଦୁଇଟି ତ୍ରୟମାସିକରେ ଜିଡିପି ହାରରେ ସଂକୋଚନ । ଏହାକୁ ଅର୍ଥନୈତିକ ମାନ୍ଦାବସ୍ଥା ବା ରିସେସନ କୁହାଯାଏ । ନିଉ ଇଣ୍ଡିଆ ସମାଚାରକୁ (ଡିସେମ୍ବର ୧୬-୩୧ ସଂଖ୍ୟା) ଏକ ସାକ୍ଷାତକାର ଦେଇ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି. ସୁବ୍ରମଣିଆନ କହିଥିଲେ ଯେ ତୃତୀୟ ତ୍ରୟମାସିକରେ ଦେଶର ଅର୍ଥନୀତିରେ ଏକ ସକାରାତ୍ମକ ପ୍ରତ୍ୟାବର୍ତ୍ତନ ଆସିବ । ତୃତୀୟ ତ୍ରୟମାସିକର ତଥ୍ୟାବଳୀ ଅନୁସାରେ ଦେଶର ଜିଡିପିରେ ୦.୪ ଭାଗ ଅଭିବୃଦ୍ଧି ଘଟିଛି । ଏହି ତଥ୍ୟ ଅନୁସାରେ କୃଷି କ୍ଷେତ୍ରରେ ୩.୯ ଶତାଂଶ, ମ୍ୟାନୁଫାକ୍‌ଚରିଂ କ୍ଷେତ୍ରରେ ୧.୬ ଶତାଂଶ ଏବଂ ନିର୍ମାଣ କ୍ଷେତ୍ରରେ ୬.୨ ଶତାଂଶ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି ।

ଇଏସ୍‌ଆଇ ହିତାଧିକାରୀ ତାଲିକାଭୁକ୍ତ ଯେକୌଣସି ନିକଟବର୍ତ୍ତୀ ଏସିକ୍ ହସ୍‌ପିଟାଲର ସ୍ୱାସ୍ଥ୍ୟସେବା ପାଇପାରିବେ

ଏସିକ୍ ହିତାଧିକାରୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ନୂଆ ବ୍ୟବସ୍ଥା ଅନୁସାରେ ହିତାଧିକାରୀମାନେ ତାଲିକାଭୁକ୍ତ ନିକଟବର୍ତ୍ତୀ ଯେକୌଣସି ହସ୍‌ପିଟାଲରୁ ସ୍ୱାସ୍ଥ୍ୟସେବା ସୁବିଧା ପାଇପାରିବେ । ହିତାଧିକାରୀ ତାଙ୍କ ବାସସ୍ଥାନର ୧୦ କିମି ବ୍ୟାସାର୍ଦ୍ଧ୍ୟ ମଧ୍ୟରେ ଏହି ସୁବିଧା ଉପଭୋଗ କରିପାରିବେ ।

ଏସିକ୍ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏହି ବ୍ୟବସ୍ଥା କରିଛନ୍ତି । ସ୍ୱାସ୍ଥ୍ୟସେବା ପାଇଁ ହିତାଧିକାରୀଙ୍କୁ ଏସିକ୍ ଡିସ୍‌ପେନସରୀରୁ କୌଣସି ସୁପାରିସ ଆଣିବାକୁ ପଡିବ ନାହିଁ। ଇଏସ୍‌ଆଇ ଇ-ପହେଚାନ କାର୍ଡ/ହେଲ୍‌ଥ ପାସ୍‌ବୁକ ଏବଂ ଯେକୌଣସି ସରକାରୀ ପରିଚୟପତ୍ର ଦେଖାଇ ତାଲିକାଭୁକ୍ତ ଇଏସ୍‌ଆଇ ହସପିଟାଲର ସେବା ନେଇହେବ । ସଂପୃକ୍ତ ହିତାଧିକାରୀଙ୍କୁ କ୍ୟାଶଲେସ ବ୍ୟବସ୍ଥାରେ ଓପିଡି ସେବା ପାଇଁ ସିଧାସଳଖ ଡାକ୍ତରୀ ପରାମର୍ଶ ମିଳିବ ।

ବଣ୍ୟଜନ୍ତୁ ସୁରକ୍ଷା କରିଡର ଥିବା ଦେଶର ପ୍ରଥମ ରାଜପଥ

ପ୍ରଥମଥର ପାଇଁ ଭାରତ ଏକ ଉପରକୁ ଉଠିଥିବା (ଏଲିଭେଟେଡ) ବଣ୍ୟଜନ୍ତୁ ସୁରକ୍ଷା କରିଡରଭିତ୍ତିକ ଜାତୀୟ ରାଜପଥ ପାଇବ । ଏହି ରାଜପଥଟି ଦିଲ୍ଲୀ-ସାହାରନପୁର-ଡେରାଡୁନ ମଧ୍ୟରେ ନିର୍ମିତ ହେଉଛି ଏବଂ ଏହା ଏକ ଆର୍ଥିକ କରିଡର । ଏହି ରାଜପଥରେ ବଣ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ପ୍ରଥମଥର ନିମନ୍ତେ ୧୨ କିମି ଲମ୍ବ ଉପରକୁ ଉଠିଥିବା (ଏଲିଭେଟେଡ) ରହିବ । ମୋଟ ୧୩ ହଜାର କୋଟି ଟଙ୍କାରେ ନିର୍ମିତ ହେଉଥିବା ଏହି ରାଜପଥ ଦ୍ୱାରା ଦିଲ୍ଲୀ ଓ ଡେରାଡୁନ ମଧ୍ୟରେ ଦୂରତ୍ୱ ୨୩୫ କିମିରୁ ୨୧୦ କିମିକୁ ହ୍ରାସ ପାଇବ । ଏହାଛଡା ଆଗରୁ ଏଥିପାଇଁ ଯେଉଁ ୬.୫ ଘଣ୍ଟା ସମୟ ଲାଗୁଥିଲା ତାହା ୨.୫ ଘଣ୍ଟାକୁ ହ୍ରାସ ପାଇବ। ଏହି ସମଗ୍ର ରାଜପଥଟିରେ ଘଣ୍ଟାପ୍ରତି ସର୍ବନିମ୍ନ ୧୦୦ କିମି ବେଗରେ ଯେପରି ଯାନବାହନ ଚାଲିପାରିବ ସେଥିପାଇଁ ଆବଶ୍ୟକ ଡିଜାଇନ ତିଆରି କରାଯାଇଛି । ପ୍ରତି ୨୫ରୁ ୩୦ କିମି ଦୂରତ୍ୱରେ ଯାତ୍ରୀମାନଙ୍କ ପାଇଁ ସୁବିଧା କେନ୍ଦ୍ରମାନ ରହିବ । ମୋଟ ରାଜପଥଟିକୁ ୪ଟି ଖଣ୍ଡରେ ଭାଗ କରାଯାଇଛି । ଏହି ରାଜପଥ ବାଗପତ୍, ସାହାରନପୁର ଆଦି ସହର ଦେଇ ଯିବ । ରାଜପଥର ଚତୁର୍ଥଖଣ୍ଡ ଏକ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବାରୁ ସେଥିରେ ସେତୁ ଆକାରର ସଡ଼କ ନିର୍ମିତ ହେବ । ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଏହି ପ୍ରକଳ୍ପ ହାତକୁ ନିଆଯିବ ।. ■

ସେହେନାଇ ସମ୍ରାଟ ଉସ୍ତାଦ ବିସ୍‌ମିଲ୍ଲା ଖାଁ

ଉସ୍ତାଦ ବିସ୍‌ମିଲ୍ଲା ଖାଁ ଯେତେବେଳେ ସେହେନାଇ ବାଦନ କରୁଥିଲେ ସେତେବେଳେ ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇଯାଉଥିଲେ । ସେହେନାଇ ପ୍ରତି ତାଙ୍କର ଏତେ ଶ୍ରଦ୍ଧା ଥିଲା ଯେ ତାହାକୁ ସେ ମଜାରେ ବେଗମ୍ (ପତ୍ନୀ) ବୋଲି କହୁଥିଲେ । ଏବେ ମଧ୍ୟ ବିସ୍‌ମିଲ୍ଲା ଖାଁଙ୍କ ସହିତ ସେହେନାଇର ନାମ ଅଙ୍ଗାଙ୍ଗୀଭାବେ ଜଡିତ ।

ଜନ୍ମ: ୧୯୧୬ ମାର୍ଚ୍ଚ ୨୧   ମୃତ୍ୟୁ: ୨୦୦୬ ଅଗଷ୍ଟ ୨୧

ସେହେନାଇ ଶବ୍ଦ ଏବଂ ଏହାର ସ୍ୱର ଆମକୁ ଉସ୍ତାଦ ବିସ୍‌ମିଲ୍ଲା ଖାଁଙ୍କୁ ମନେ ପକାଇଦିଏ । ସେ ନିଜେ ସେହେନାଇ ତିଆରି କରିଥିଲେ, ଯାହା ପବନ ଚାଳିତ ଏକ ଲୋକପ୍ରିୟ ବାଦ୍ୟଯନ୍ତ୍ର । ଭାରତୀୟ ଉଚ୍ଚାଙ୍ଗ ସଂଗୀତର ମୁଖ୍ୟଧାରାରେ ସେ ସେହେନାଇକୁ ସାମିଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ପୂର୍ବରୁ ବାଦ୍ୟଯନ୍ତ୍ରଗୁଡିକ ବିଭିନ୍ନ ପ୍ରକାର ଉତ୍ସବାନୁଷ୍ଠାନ ପାଇଁ ଉତ୍ସର୍ଗୀକୃତ ଓ ସଂରକ୍ଷିତ ଥିଲା । କିନ୍ତୁ ସେ ଏହାକୁ ଆନ୍ତର୍ଜାତିକ ଶ୍ରୋତାଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଥିଲେ। ସମଗ୍ର ବିଶ୍ୱରେ ତାଙ୍କର ଅନୁଗାମୀ ରହିଥିଲେ ହେଁ ବିସ୍‌ମିଲ୍ଲା ଖାଁ ବନାରସ (ବାରାଣସୀ)ରେ ରହିବାକୁ ପସନ୍ଦ କରୁଥିଲେ । ବିହାରର ଡୁମ୍‌ରାଓଁରେ ଏକ ସଂଗୀତଜ୍ଞ ପରିବାରରେ ତାଙ୍କର ଜନ୍ମ । ଏହି ପରିବାର ରାଜଦରବାରର ସଂଗୀତଜ୍ଞଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ପିଲା ଦିନର ନାମ ଥିଲା ଅମିରୁଦ୍ଦିନ ଖାଁ । ପିତା ପୈଗମ୍ବର ଖାଁ ଏବଂ ମା' ମିଠାନ୍‌ଙ୍କର ସେ ଥିଲେ ଦ୍ୱିତୀୟ ପୁତ୍ର । ତାଙ୍କ ବାପା ଡୁମରାଓଁର ମହାରାଜା କେଶବପ୍ରସାଦ ସିଂହଙ୍କ ରାଜଦରବାରର ସଂଗୀତଜ୍ଞ ଥିଲେ । ତାଙ୍କୁ ୬ ବର୍ଷ ବୟସ ହୋଇଥିବାବେଳେ ବିସ୍‌ମିଲ୍ଲା ତାଙ୍କ ମାମୁଘର ଉତ୍ତର ପ୍ରଦେଶର ବାରାଣସୀକୁ ଆସିଥିଲେ । ସେଠାରେ ତାଙ୍କ ମାମୁ ଅଲ୍ଲିବକ୍ସ କାଶୀ ବିଶ୍ୱନାଥ ମନ୍ଦିରରେ ସେହେନାଇ ପରିବେଷଣ କରୁଥିଲେ । ସେହେନାଇ ପ୍ରତି ବିସ୍‌ମିଲ୍ଲାଙ୍କ ଆଗ୍ରହ ଦେଖି ତାଙ୍କ ମାମୁ ତାଙ୍କୁ ସେହି ବାଦ୍ୟଯନ୍ତ୍ର ବିଷୟରେ ଅଧିକ ଶିକ୍ଷା ଦେବାକୁ ଆରମ୍ଭ କଲେ ।

ଖୁବ୍ କମ ଦିନ ମଧ୍ୟରେ ବିସ୍‌ମିଲ୍ଲା ଖାଁ ସେହେନାଇ ବାଦନର କଳା ହାସଲ କରିବା ସହ ଚମତ୍କାର ପ୍ରଦର୍ଶନ କରିବାକୁ ସକ୍ଷମ ହେଲେ । ସେହେନାଇ ବାଦ୍ୟର ରାଗ ବାହାରେ ସେ ନୂଆ ନୂଆ ରାଗ ସୃଷ୍ଟି କରିବା ଏବଂ ତାକୁ ବଜାଇବାରେ ନିରନ୍ତର ବ୍ରତୀ ରହି ସଫଳତା ହାସଲ କରିଥିଲେ । ବାରାଣସୀ ପ୍ରତି ତାଙ୍କର ଆକର୍ଷଣର ପ୍ରମାଣ ହେଲା ଯେ ସେଠାରେ ସେ ସାରା ଜୀବନ କଟାଇଥିଲେ । ସେ କହୁଥିଲେ କାଶୀ ଭଳି ଆଉ କୌଣସି ସହର ନାହିଁ । ସେ ଯାହା ଆବଶ୍ୟକ କରୁଥିଲେ ସେ ସମସ୍ତ ତାଙ୍କୁ ଏହି ସହରର ଦେଇଥିଲା । ଗଙ୍ଗାରେ ସ୍ନାନ, ନମାଜ ପାଠ ପାଇଁ ମସ୍‌ଜିଦ ଏବଂ ସେହେନାଇ ଅଭ୍ୟାସ କରିବା ପାଇଁ ବାଲାଜୀ ମନ୍ଦିର ତାଙ୍କ ପାଇଁ ଥିଲା । ଏହି ଉସ୍ତାଦ ସାଂପ୍ରଦାୟିକ ସଦ୍‌ଭାବର ଏକ ନିଖୁଣ ଉଦାହରଣ ଥିଲେ । ଗଙ୍ଗା ଯମୁନା ତେହେଜିବ, ଯାହା ବାରାଣସୀର ସାଂପ୍ରତିକ ସଦ୍‌ଭାବ ପାଇଁ ଖ୍ୟାତ ସେ ତାହାର ଯଥାର୍ଥ ପ୍ରତିନିଧି ଥିଲେ । ନିଜ ଜୀବନର ସମସ୍ତ ସଫଳତାକୁ ସେ ଆଲ୍ଲା, ସରସ୍ୱତୀ ଏବଂ ବିଶ୍ୱନାଥଙ୍କୁ ଅର୍ପଣ କରିଥିଲେ ।

ବିଭିନ୍ନ ଘଟଣାରେ ତାଙ୍କୁ ବିଦେଶରେ ବସବାସ କରିବା ପାଇଁ ବିପୁଳ ଅର୍ଥ ଏବଂ ଲୋଭ ଦେଖାଯାଇଛି; ହେଲେ ସେ କେବେ ଏଥିରେ ଆକର୍ଷିତ ହୋଇନାହାନ୍ତି ଏବଂ ବାରାଣସୀ ନ ଛାଡିବାକୁ ସର୍ବଦା ଅଟଳ ରହିଛନ୍ତି । ଥରେ ତାଙ୍କୁ କୁହାଯାଇଥିଲା ଯେ ବାରାଣସୀର ଏକ ପ୍ରତିକୃତି ତିଆରି କରାଗଲେ ଆପଣ ସେ ସହରରେ ରହିବେ କି? ଏହାର ଉତ୍ତରରେ ସେ କହିଥିଲେ ଗୋଟିଏ ପ୍ରତିମା ବା ପ୍ରତିକୃତି ବାସ୍ତବତାର ପ୍ରତିନିଧି ନୁହେଁ । ବାରାଣସୀ ଯେଉଁଠି ଗଙ୍ଗା ପ୍ରବାହିତ, ଯେଉଁଠି ପ୍ରଭୁ ବାଲାଜୀଙ୍କ ପାଇଁ ମୁଁ ସେହେନାଇ ବାଦନ କରିପାରିବି ସେଠାରେ ମୁଁ ସହଜରେ ସୁବିଧାରେ ରହିପାରିବି । ବନାରସ ଛାଡି ମୁଁ ଅନ୍ୟ କେଉଁଠି ରହିପାରିବି ନାହିଁ ।

୧୯୩୭ରେ କଲକାତାରେ ଆୟୋଜିତ ଅଖିଳ ଭାରତ ସଂଗୀତ ସମ୍ମିଳନୀରେ ସେ ଯେଉଁ ରାଗ ସଂଯୋଜନା କରିଥିଲେ ତାହା ତାଙ୍କ ଜୀବନକୁ ଏକ ନୂଆ ମୋଡ ଦେଇଥିଲା । ଏହାପରଠାରୁ ସେ ପଛକୁ ଆଉ ଚାହିଁ ନାହାନ୍ତି । ୧୯୪୭ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଲାଲକିଲ୍ଲାରେ ସେହେନାଇ ବାଦନ କରିବାର ବିରଳ ସମ୍ମାନ ତାଙ୍କୁ ମିଳିଥିଲା । ୨୦୦୬ରେ ତାଙ୍କର ଯେତେବେଳେ ନିଧନ ଘଟିଲା ସେତେବେଳେ ତାଙ୍କର ବ୍ୟକ୍ତିଗତ ସେହେନାଇଟିକୁ ତାଙ୍କ ସହିତ କବର ଦିଆଯାଇଥିଲା । ସେ ଦେଶର ୪ଟି ଯାକ ବେସମାରିକ ସର୍ବୋଚ୍ଚ ସମ୍ମାନ ପଦ୍ମଶ୍ରୀ (୧୯୬୧), ପଦ୍ମଭୂଷଣ (୧୯୬୮), ପଦ୍ମବିଭୂଷଣ (୧୯୮୦) ଏବଂ ଭାରତରତ୍ନ (୨୦୦୧) ପାଇଥିଲେ । ■

ଆନ୍ତର୍ଜାତିକ ସୁଖ ଦିବସ
ମାର୍ଚ୍ଚ ୨୦, ୨୦୨୧

ସହସ୍ର କୋଟି ହସ ହସ ମୁହଁ !

ବାର୍ତ୍ତା:
ଶାନ୍ତ ରୁହ
ବିଜ୍ଞ ରୁହ
ଦୟାବନ୍ତ ହୁଅ

ନିଜ ମୁହଁରେ ହସ ଖେଳାଇଲେ ଜୀବନ ସହଜ ହୁଏ ଏବଂ ପ୍ରତିବନ୍ଧକ ଦୂର କରିବାରେ ଏହା ସାହାଯ୍ୟ କରିଥାଏ । ଆନ୍ତର୍ଜାତିକ ସୁଖ ଦିବସ କେବଳ ଏହି କଥାକୁ ମାନ୍ୟତା ଦେବାକୁ ଉଦ୍ଦିଷ୍ଟ । ତଥାପି ସୁଖ ଉପଭୋଗ କରିବା ପାଇଁ ଗୋଟିଏ ଦିନ ଯଥେଷ୍ଟ ନୁହେଁ । ତେଣୁ ଜଣେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ବାରମ୍ବାର ପ୍ରତିକ୍ଷଣରେ ଉପଭୋଗ କରିବା ଉଚିତ । ଏହି ଦିବସ ସମାବେଶୀ, ସମାନ ଓ ଭାରସାମ୍ୟ ରକ୍ଷାକାରୀ ଅର୍ଥନୈତିକ ଅଭିବୃଦ୍ଧିର ଗୁରୁତ୍ୱକୁ ଅଗ୍ରାଧିକାର ଦିଏ । କାରଣ ଏହାଦ୍ୱାରା ନିରନ୍ତର ବିକାଶ, ଦାରିଦ୍ର୍ୟ ଦୂରୀକରଣ ନିଶ୍ଚିତ ହେବା ସହ ଆନନ୍ଦ ଓ ଖୁସି ମିଳିଥାଏ ।

ଜଳଜୀବନ ମିସନ

ଜଳଜୀବନ ମିସନ ଅଧୀନରେ ମାତ୍ର ୧୭ ମାସ ମଧ୍ୟରେ ୩.୫୩ କୋଟି ଗ୍ରାମୀଣ ପରିବାରଙ୍କ ଘରକୁ ପାଣି ଟ୍ୟାପ ଯୋଗାଇ ଦିଆଯାଇଛି ।

ପିଏମ୍ ଉଜ୍ଜ୍ୱଳା

୮.୩ କୋଟି ମହିଳାଙ୍କୁ ମାଗଣା ଗ୍ୟାସ୍ ସଂଯୋଗ ଯୋଗାଇ ଦିଆଯାଇ ସେମାନଙ୍କ ରୋଷେଇ ଘରକୁ ଧୂମମୁକ୍ତ କରାଯାଇଛି ।

ପିଏମ୍ ଜୀବନ ଜ୍ୟୋତି ଯୋଜନା

ବାର୍ଷିକ ମାତ୍ର ୩୩୦ ଟଙ୍କା ଦେୟରେ ୨ଲକ୍ଷ ଟଙ୍କାର ଜୀବନ ବୀମା ସୁବିଧା ଯୋଗାଣ। ଏହି ଯୋଜନାରେ ଏଯାଏଁ ୯.୮୮ କୋଟି ଲୋକ ଏଯାଏଁ ପଞ୍ଜୀକୃତ ହୋଇଛନ୍ତି ।

ଜନଔଷଧୀ

ଦେଶର ୭୦୦ ଜିଲାରେ ଥିବା ୬୬୦୦ ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ରରେ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଉତ୍ତମମାନର ଔଷଧ ଯୋଗାଇ ଦିଆଯାଉଛି, ଯାହା ଗରିବଙ୍କ ଜୀବନରେ ପରିବର୍ତ୍ତନ ଆଣିଛି ।

ଉଜାଲା

ଊର୍ଜ୍ଜା ଓ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ୩୬.୭୧ କୋଟି ଏଲ୍ଇଡି ବଲ୍ବ ଯୋଗାଇ ଦିଆଯାଇଛି । ଏହା ଫଳରେ ବିଜୁଳି ଶକ୍ତି ବାବଦରେ ବାର୍ଷିକ ୧୮ ହଜାର କୋଟି ଟଙ୍କା ବଞ୍ଚିପାରିଛି ।

ଆୟୁଷ୍ମାନ ଭାରତ

୫୦ କୋଟିରୁ ଅଧିକ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବାବଦ ଖର୍ଚ୍ଚ ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ୧.୬୩ କୋଟି ଲୋକ ଏହାର ସୁଯୋଗ ନେଇଛନ୍ତି ।

ପିଏମ୍ ଆବାସ

ଘର ଖଣ୍ଡିଏ କରିବାର ସ୍ୱପ୍ନ ଏବେ ସଫଳ ହୋଇଛି । ଏଯାଏଁ ଏହି ଯୋଜନାରେ ୧.୬୮ କୋଟି ଲୋକ ନିଜର ଘର ପାଇଛନ୍ତି ।

ପିଏମ୍ କିଷାନ

ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ୧୧.୭୪ କୋଟି ଲୋକ ଏଯାଏଁ ଉପକୃତ ହୋଇଛନ୍ତି । ଏ ବାବଦରେ ଚାଷୀଙ୍କୁ ୧.୧୩ ଲକ୍ଷ କୋଟି ଟଙ୍କା ଯୋଗାଇ ଦିଆସରିଲାଣି ।

ପିଏମ୍ ସ୍ୱନିଧି

କରୋନା ମହାମାରୀ କାଳରେ ଏହି ଯୋଜନାରେ ୨.୭୬ କୋଟି ଷ୍ଟ୍ରିଟ ଭେଣ୍ଡରଙ୍କୁ ସୁଲଭ ହାରରେ ୨.୦୭୧ କୋଟି ଟଙ୍କା ଏ ଯାବତ୍ ଋଣ ଯୋଗାଇ ଦିଆଯାଇଛି ।

ଉଡାଣ

ଦେଶରେ ସୁଲଭ ମୂଲ୍ୟର ବିମାନଯାତ୍ରା ବାସ୍ତବତାରେ ପରିଣତ ହୋଇଛି । ମାତ୍ର ୨୫୦୦ ଟଙ୍କା ଦେଇ ୫୩ ଲକ୍ଷ ଲୋକ ବିମାନ ଯାତ୍ରାର ସୁବିଧା ପାଉଛନ୍ତି।

ସୋସିଆଲ ମିଡିଆ ପାଇଁ ନୂଆ ନିୟମ

ବିଷୟବସ୍ତୁ ପାଇଁ ଓଟିଟି ଉତ୍ତରଦାୟୀ

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସାଧାରଣ ମଣିଷକୁ ସଶକ୍ତ କରିଛି । ମୋବାଇଲ ଫୋନ ଓ ଇଣ୍ଟରନେଟର ବ୍ୟାପକ ପ୍ରସାର ଫଳରେ ଅନେକ ସୋସିଆଲ ମିଡିଆ ପ୍ଲାଟଫର୍ମ ଭାରତରେ ସେମାନଙ୍କ ଆସ୍ଥାନ ଜମାଇଛନ୍ତି । ସୋସିଆଲ ମିଡିଆ, ନ୍ୟୁଜ ପୋର୍ଟାଲ ଏବଂ ଓଭର ଦି ଟପ୍ (ଓଟିଟି ପ୍ଲାଟଫର୍ମ)କୁ ନିୟନ୍ତ୍ରଣ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ସରକାର ଏହି ଦାବିକୁ ବିଚାରକୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ।

ଭାରତରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଉପଲବ୍ଧ ଏବଂ ଦେଶର ନାଗରିକ ତାହାକୁ ବ୍ୟବହାର କରୁଛନ୍ତି । ଏସବୁ ସାଧାରଣ ଲୋକଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟିଛି । ସାମାଜିକ ଗଣମାଧ୍ୟର ପ୍ରଚାର ଫଳରେ ଲୋକଙ୍କ ସୃଜନଶୀଳତା ବଢ଼ିଛି। ସେମାନେ ପ୍ରଶ୍ନ ପଚାରୁଛନ୍ତି ବିଭିନ୍ନ ତଥ୍ୟ ଜାଣି ମୁକ୍ତଭାବରେ ନିଜର ମତାମତ ବ୍ୟକ୍ତ କରିପାରୁଛନ୍ତି । ସରକାର ଏବଂ ଏହାର କାର୍ଯ୍ୟବାହକମାନଙ୍କୁ ସମାଲୋଚନା କରିବାକୁ ମଧ ଲୋକେ ପଶ୍ଚାତ୍‌ପଦ ହେଉନାହାନ୍ତି । ସରକାରଙ୍କୁ ନାଗରିକ ସମାଲୋଚନା କରିବା ଏକ ଅଧିକାର । ଏହାକୁ ସରକାର ସମ୍ମାନ ଦିଅନ୍ତି । ଏହା ସତ୍ତ୍ୱେ ଡିଜିଟାଲ ମିଡିଆର ବ୍ୟବହାର ସ୍ୱଚ୍ଛତା ରକ୍ଷା ଏବଂ ଉତ୍ତର ଦାୟିତ୍ୱ କ୍ଷେତ୍ରରେ କେତେକ ତ୍ରୁଟି ରହୁଥିବାରୁ ଏ ନେଇ ଉଦ୍‌ବେଗ ପ୍ରକାଶ ପାଉଛି । ସୋସିଆଲ ମିଡିଆର ପ୍ରସାର ଫଳରେ ନାଗରିକ ସଶକ୍ତ ହେଉଥିବାବେଳେ ଅନ୍ୟପକ୍ଷରେ ଏହାର ଦୁରୁପଯୋଗ ନେଇ ଅନେକ ପ୍ରଶ୍ନ ଉଠୁଛି ।

ମିଛ ଖବର ଏବଂ ବିଭ୍ରାନ୍ତକାରୀ ତଥ୍ୟାବଳୀ ସୋସିଆଲ ମିଡିଆ

53 କୋଟି ହ୍ୱାଟସଆପ୍ ୟୁଜର ଭାରତରେ ଅଛନ୍ତି

1.75 କୋଟି ଭାରତୀୟ ଟ୍ୱିଟର ୟୁଜର

44.8 କୋଟି ୟୁଟ୍ୟୁବ୍ ୟୁଜର ଭାରତରେ ଅଛନ୍ତି

41 କୋଟି ଲୋକ ଭାରତରେ ଫେସ୍‌ବୁକ ବ୍ୟବହାର କରନ୍ତି

21 କୋଟି ଇନ୍‌ଷ୍ଟାଗ୍ରାମ ୟୁଜର ଭାରତରେ ଅଛନ୍ତି

ସୋସିଆଲ ମିଡିଆ ପାଇଁ ନୂଆ ନିର୍ଦ୍ଦେଶାବଳୀ

- ସରକାର ସୂଚନା ପ୍ରଯୁକ୍ତି (ଇଣ୍ଟରମିଡିଆରୀ ଗାଇଡଲାଇନ୍ସ ଏଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ) ଆଇନ ୨୦୨୧ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।
- ନୂଆ ନିୟମ ସୋସିଆଲ ମିଡିଆର ସାଧାରଣ ବ୍ୟବହାରକାରୀଙ୍କୁ ସଶକ୍ତ କରିଛି ।
- ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡିକୁ ନିଜର ଆପତ୍ତି ଅଭିଯୋଗ ନିରାକରଣ ବ୍ୟବସ୍ଥା ତିଆରି କରିବାକୁ ହେବ । ଏହି ବ୍ୟବସ୍ଥାରେ ଅଭିଯୋଗ ଶୁଣାଣି କରିବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରାଯିବ । ସଂପୃକ୍ତ ମିଡିଆ ପ୍ଲାଟଫର୍ମକୁ ଜଣେ ଲେଖାଏଁ ଆପତ୍ତି ଅଧିକାରୀ (ଗ୍ରିଭାନ୍ସ ଅଧିକାରୀ) ରଖିବାକୁ ପଡିବ । ସେ ଏସବୁ ଅଭିଯୋଗର ଦେଖାଶୁଣା କରିବେ। ସଂପୃକ୍ତ ଅଧିକାରୀଙ୍କ ନାମ ଓ ଠିକଣା ମିଡିଆ ପ୍ଲାଟଫର୍ମକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ହେବ ।
- ଯେତେସବୁ ଅଭିଯୋଗ ଆସୁଛି ଏବଂ ସେଥିରୁ କେତେ ସମାଧାନ ହେଉଛି ତାହାର ରିପୋର୍ଟ ସଂପୃକ୍ତ ପ୍ଲାଟଫର୍ମ ପକ୍ଷରୁ ପ୍ରତି ମାସରେ ପ୍ରକାଶ କରିବାକୁ ପଡିବ । ଆବଶ୍ୟକ ପଡିଲେ ଆପତ୍ତିଜନକ ବିଷୟବସ୍ତୁକୁ ମଧ ବାଦ ଦେବାକୁ ହେବ ।
- ମ୍ୟାସେଜର ପ୍ରଥମ ସ୍ରଷ୍ଟାଙ୍କୁ ପ୍ଲାଟଫର୍ମ ଠାବ କରିବ । ବିଶେଷକରି ଦେଶର ସାର୍ବଭୌମତ୍ୱ ଓ ଏକତା ଆଦି କ୍ଷେତ୍ରରେ ଯିଏ ଆପତ୍ତିଜନକବିଷୟବସ୍ତୁ ଲେଖିବ ତାକୁ ଠାବ କରିବା ଦାୟିତ୍ୱ ପ୍ଲାଟଫର୍ମର । ଏହି ଅପରାଧ ପାଇଁ ସଂପୃକ୍ତ ମ୍ୟାସେଜର ସ୍ରଷ୍ଟାଙ୍କୁ ୫ ବର୍ଷ କାରାଦଣ୍ଡର ବ୍ୟବସ୍ଥା ରହିଛି ।
- ଆପତ୍ତିଜନକ ମ୍ୟାସେଜ ଉପରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧରେ ସଂପୃକ୍ତ ପ୍ଲାଟଫର୍ମକୁ ସେହି କଣ୍ଟେଣ୍ଟ ହଟାଇବାକୁ ପଡିବ ।

ଡିଜିଟାଲ ମିଡିଆ ଓଟିଟି ପ୍ଲାଟଫର୍ମ ପାଇଁ ନୂଆ ବ୍ୟବସ୍ଥା କ'ଣ ?

- ଓଟିଟି ପ୍ଲାଟଫର୍ମ ପାଇଁ ସରକାର ମଧ୍ୟ ନିୟମ ଜାରି କରିବେ ।
- ଡିଜିଟାଲ ମିଡିଆର ପ୍ରକାଶକଙ୍କୁ ଭାରତୀୟ ପ୍ରେସ କାଉନସିଲ ଏବଂ କେବୁଲ ଟେଲିଭିଜନ ନେଟୱାର୍କ ନିୟମ ପାଳନ କରିବାକୁ ପଡିବ ।
- ଅନ୍‌ଲାଇନ ନିଉଜ, ଓଟିଟି ପ୍ଲାଟଫର୍ମ ଏବଂ ଡିଜିଟାଲ ମିଡିଆ ପାଇଁ ଏକ ଆଚାର ସଂହିତା ସୁପାରିସ କରାଯାଇଛି ।
- ଓଟିଟି ପ୍ଲାଟଫର୍ମଗୁଡିକ ବୟସଭିତ୍ତିରେ ୫ ପ୍ରକାର ବିଷୟବସ୍ତୁକୁ ନିଜେ ଶ୍ରେଣୀଭୁକ୍ତ କରିବେ । ସେଗୁଡିକ ହେଲା- ୟୁ ବା ୟୁନିଭର୍ସାଲ, ୟୁ/ଏ ୭ବର୍ଷରୁ ଅଧିକ, ୟୁ/ଏ ୧୩ ବର୍ଷରୁ ଊର୍ଦ୍ଧ୍ୱ, ୟୁ/ଏ ୧୬ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଏ ପୂର୍ଣ୍ଣ ବୟସ୍କ । ସବୁ ପ୍ଲାଟଫର୍ମକୁ ପ୍ୟାରେଣ୍ଟାଲ ଲକ୍ କାର୍ଯ୍ୟକାରୀ କରିବାକୁ ପଡିବ ।
- ଯେଉଁସବୁ ପ୍ଲାଟଫର୍ମ ପାଇଁ ଏକ ୩ ସ୍ତରୀୟ ଆପତ୍ତି ନିରାକରଣ ବ୍ୟବସ୍ଥା ସୁପାରିସ କରାଯାଇଛି ସେମାନେ ଆତ୍ମନିୟନ୍ତ୍ରଣକୁ ମଧ୍ୟ ଗୁରୁତ୍ୱ ଦେବେ ।
- ଆହୁରି ମଧ୍ୟ ପ୍ରକାଶକମାନଙ୍କର ଯେଉଁ ଆତ୍ମନିୟନ୍ତ୍ରଣ ସଂସ୍ଥା ରହିବ ତାହାର ମୁଖ୍ୟଭାବେ ସୁପ୍ରିମକୋର୍ଟ/ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ଜଣେ ନିରପେକ୍ଷ ବିଶିଷ୍ଟ ବ୍ୟକ୍ତି ଏହାର ମୁଖ୍ୟଭାବେ କାର୍ଯ୍ୟ କରିବେ ।
- ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏହି ତଦାରଖକାରୀ ବ୍ୟବସ୍ଥାର ନୀତିନିୟମ ପ୍ରଣୟନ କରିବ ।

କେତୋଟି ନୂଆ ନିୟମ ଓ କାହିଁକି ପ୍ରଣୟନ କରାଯାଇଛି:

- ୨୦୧୮ରେ ସୁପ୍ରିମକୋର୍ଟ ନିଜ ଆଡୁ ରୁଜୁ ଏକ ମାମଲାରେ ରାୟ ଦେଇଥିଲେ ଯେ ସରକାର କଣ୍ଟେଣ୍ଟ ହୋଷ୍ଟିଂ ପ୍ଲାଟଫର୍ମ ଏବଂ ଅନ୍ୟ ଆପ୍ଲିକେସନଗୁଡ଼ିକରେ ଶିଶୁ ଅଶ୍ଳୀଳ ଚଳଚ୍ଚିତ୍ର, ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମର ଚିତ୍ର, ଭିଡିଓ ଓ ସାଇଟଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଆବଶ୍ୟକ ଦିଶାନିର୍ଦ୍ଦେଶ ପ୍ରସ୍ତୁତ କରନ୍ତୁ।
- ୨୦୧୯ରେ ସୁପ୍ରିମକୋର୍ଟ ନୂଆ ନିୟମାବଳୀ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିବାର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ସଂକ୍ରାନ୍ତରେ ନିର୍ଦ୍ଧାରିତ ସମୟସୀମା ସମ୍ପର୍କରେ ଅବଗତ କରାଇବାକୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟକୁ ଆଦେଶ ଦେଇଥିଲେ।
- ୨୦୨୦ରେ ରାଜ୍ୟ ସଭାର ଆଡହକ ସମିତି ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଚଳଚ୍ଚିତ୍ରର ଉଦବେଗଜନକ ବିଷୟ ଏବଂ ଶିଶୁ ଓ ସାମଗ୍ରୀକ ଭାବେ ସମାଜ ଉପରେ ଏହାର ପ୍ରଭାବକୁ ବିଶ୍ଳେଷଣ କରିବା ପରେ ରିପୋର୍ଟ ଦେଇଥିଲା ଏବଂ ଏପରି କଣ୍ଟେଣ୍ଟଗୁଡ଼ିକୁ ଛାଡୁଥିବା ବ୍ୟକ୍ତିକୁ ଚିହ୍ନଟ କରିବା ପାଇଁ ସୁପାରିସ କରିଥିଲା।



- ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମଇଆଇଟିୱାଇ) ଡ୍ରାଫ୍ଟ ନିୟମାବଳୀ ପ୍ରସ୍ତୁତ କରିଥିଲା ଏବଂ ଏ ସଂକ୍ରାନ୍ତରେ ଜନସାଧାରଣଙ୍କ ମତାମତ ଲୋଡ଼ିଥିଲା। ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟକୁ 171ଟି ମତାମତ ଏବଂ ୪୦ଟି ବିରୋଧାତ୍ମକ ମତାମତ ମିଳିଥିଲା। ଏସବୁ ମତାମତକୁ ବିସ୍ତୃତ ଭାବେ ବିଶ୍ଳେଷଣ କରାଯାଇଥିଲା ଏବଂ ଆନ୍ତଃମନ୍ତ୍ରଣାଳୟ ବୈଠକ ପରେ ନୂତନ ନିୟମଗୁଡ଼ିକୁ ଚୂଡ଼ାନ୍ତ କରାଯାଇଥିଲା।

ପ୍ଲାଟଫର୍ମରେ ପ୍ରକାଶ ପାଉଛି । ଏହାର ବ୍ୟାପକ ଦୁରୁପଯୋଗ କରାଯାଇ ମର୍ଫଡ ଇମେଜ୍ ଓ ବିଷୟବସ୍ତୁକୁ ଅତ୍ୟନ୍ତ କୁତ୍ସିତ କରାଯିବା ଘଟଣା ବିଗତ କେତେଦିନ ଧରି ବଢ଼ିଚାଲିଛି । ଏସବୁ କେବଳ ବ୍ୟକ୍ତିବିଶେଷଙ୍କ ମର୍ଯ୍ୟାଦା ପାଇଁ ଏକ ବିପଦ ନୁହେଁ, ଏହା ମଧ୍ୟ ଅନୈତିକ । ଏହି ପ୍ଲାଟଫର୍ମ ସବୁରେ ମଧ୍ୟ ଆପତ୍ତିଜନକ ଓ ଗାଳିଗୁଲଜକାରୀ ଭାଷା ବ୍ୟବହାର କରାଯାଉଛି । ଅନେକ ସମୟରେ ମାନହାନି ଭଳି ଲେଖା ଏବଂ ଅଶ୍ଳୀଳ ବିଷୟବସ୍ତୁ ମଧ୍ୟ ପ୍ରକାଶ ପାଉଛି । ଲୋକଙ୍କ ଧାର୍ମିକ ଭାବନାକୁ ମଧ୍ୟ ଆଘାତ ପହଞ୍ଚାଇବାର ଘଟଣା ନଜର ରହିଛି । ବିଭିନ୍ନ ସମୟରେ ଏସବୁ ବିଷୟରେ ପାର୍ଲାମେଣ୍ଟ ସମେତ ବିଭିନ୍ନ ମଞ୍ଚରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହା ଉପରେ ନାଗରିକ ସମାଜ, ବିଚାରାଳୟ ଆଦିରେ ମଧ୍ୟ ଚର୍ଚ୍ଚା ସ୍ଥାନ ପାଇଛି ।

୨୦୨୧ ଫେବୃୟାରୀ ୨୫ ତାରିଖରେ ସରକାର ଫେସ୍‌ବୁକ୍, ଟ୍ୱିଟର, ନେଟ୍‌ଫ୍ଲିକ୍ସ, ଆମାଜନ ପ୍ରାଇମ ଏବଂ ହଟ୍‌ଷ୍ଟାର ଭଳି ଓଟିଟି ପ୍ଲାଟଫର୍ମ ପାଇଁ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଓଟିଟି ଓ ଡିଜିଟାଲ ମିଡିଆ ପାଇଁ ଉଦ୍ଦିଷ୍ଟ ଆଇନରେ ସଂସ୍ଥାଙ୍କ ଆଭ୍ୟନ୍ତରୀଣ ଏବଂ ଆତ୍ମନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଥିରେ ସାମ୍ବାଦିକତା ଓ ସୃଜନାତ୍ମକ ସ୍ୱାଧୀନତାକୁ ବଜାୟ ରଖାଯାଇଥିବାବେଳେ ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ଦୃଢ ଏବଂ ବ୍ୟାପକ କରାଯାଇଛି । ଏହି ନୂଆ ନିୟମ ଫଳରେ ବାକ୍‌ସ୍ୱାଧୀନତା ଓ ପରିପ୍ରକାଶର ଅଧିକାର ସୁରକ୍ଷିତ ହେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ମଧ୍ୟ ସୁରକ୍ଷିତ ହୋଇପାରିବ । ■

ସ୍ୱଦେଶୀ ଖେଳନା

ବିଶ୍ୱ ବଜାର ପାଇଁ

ଖେଳନାଗୁଡ଼ିକ, ଏକ ସଙ୍ଗରେ, ଉଭୟ ଖେଳିବା ଏବଂ ଶିକ୍ଷା ଲାଭ କରିବାର ମାଧ୍ୟମ। ଏହା ପିଲାମାନଙ୍କ ଉପରେ ଅତୁଟ ପ୍ରଭାବ ପକାଇବା ସହିତ ସେମାନଙ୍କର ମାନସିକତା ବିକଶିତ କରିବା ଓ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ। ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଜାଣିବା ଲାଗି ଖେଳନାଗୁଡ଼ିକ ପିଲାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଅର୍ଥନୈତିକ ଦୃଷ୍ଟିକୋଣରୁ ଖେଳନାଗୁଡ଼ିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଉତ୍ସ। ଅଧୁନା, ଅଭିନବ ତଥା ଆଧୁନିକ ଖେଳନାଗୁଡ଼ିକର ପ୍ରସାର ବୃଦ୍ଧି ପାଉଛି, ଏପରି ସ୍ଥିତିରେ 7 ଲକ୍ଷ କୋଟି ଟଙ୍କାର ବିଶ୍ୱ ଖେଳନା ବଜାରରେ ଭାରତର ଯୋଗଦାନ ମାତ୍ର 0.5 ପ୍ରତିଶତ। ତେଣୁ, ସରକାର 2024 ସୁଦ୍ଧା ଖେଳନା ରପ୍ତାନି ପରିମାଣକୁ 2800 କୋଟି ଟଙ୍କାକୁ ବୃଦ୍ଧି କରିବା ସହିତ ଏହା ମାଧ୍ୟମରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ଭାରତ ବର୍ତ୍ତମାନ ଆତ୍ମ-ନିର୍ଭର ଖେଳନା ଉଦ୍ୟୋଗ ପାଇଁ ପ୍ରୟାସ ଆରମ୍ଭ କରି ଦେଇଛି...



"ମୁଁ ଖେଳନା ତିଆରି କରିବାକୁ ଭଲପାଏ। ମୁଁ ରାଜସ୍ଥାନ ଓ କୋଲକାତାରୁ ଏହି କଳା ଶିଖିଥିଲି। ଆମର ଖେଳନାଗୁଡ଼ିକ ଅଧିକ ଗ୍ରହଣୀୟ ହେଉଛି। ଦେଶୀୟ ଖେଳନା ପ୍ରତି ଲୋକମାନଙ୍କ ଦୃଷ୍ଟିକୋଣ ବଦଳି ଯାଇଛି ଏବଂ ସେମାନେ ଏବେ ଏହାକୁ ଅଧିକ ପସନ୍ଦ କରୁଛନ୍ତି," ଝାଡ଼ଖଣ୍ଡ ରାଞ୍ଚିର ଶୋଭା କୁମାରୀ କୁହନ୍ତି। ଖେଳନା ପ୍ରତି ତାଙ୍କର ଭଲ ପାଇବା ଏବେ ତାଙ୍କୁ ଆୟର ପନ୍ଥା ଦେଇଛି। ବ୍ୟବସାୟ ଭଲ ଚାଲିବାରୁ ଶୋଭା ନିଜର ଏହି କୌଶଳ ସଲୀନା କାଛାପ, ପ୍ରତିଭା ଟୋପେ ଏବଂ ଅନ୍ୟମାନଙ୍କୁ ଶିଖାଇଛନ୍ତି। ବର୍ତ୍ତମାନ ଏହି ଗ୍ରୁପ ସେମାନଙ୍କର ଖେଳନାଗୁଡ଼ିକୁ ଆମେରିକା, ନେଦରଲ୍ୟାଣ୍ଡସ୍ ଆଦି ଦେଶକୁ ପଠାଉଛନ୍ତି ଏବଂ ଭାରତୀୟ ଖେଳନାକୁ ଅନ୍ତର୍ଜାତୀୟ ମାନ୍ୟତା ଦେଇପାରିଛନ୍ତି।





ଦେଶୀ କାଠ ଖେଳନା ନିର୍ମାତା ସି.ଭି. ରାଜୁ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଇଟିକୋପ୍ପାକା ର ବାସିନ୍ଦା। ଏହି ସ୍ଥାନରେ ଖେଳନା ତିଆରି କରିବାର ପରମ୍ପରା ଶହ ଶହ ବର୍ଷ ପୁରୁଣା। ଏକଦା ଇଟିକୋପ୍ପାକା ର ଖେଳନାଗୁଡ଼ିକ ବିଶ୍ୱସ୍ତରରେ ପରିଚିତି ଲାଭ କରିଥିଲା। ଏହି ପ୍ରାଚୀନ ଲାଖ ଶିଳ୍ପ ଖେଳନାଗୁଡ଼ିକର ବିଶେଷତ୍ୱ ହେଉଛି ଏଗୁଡ଼ିକ କାଠରେ ତିଆରି ଏବଂ ଏଥିରେ ତୀକ୍ଷ୍ଣ ଧାର ନାହିଁ। ଏହାର ଧାରଗୁଡ଼ିକ ଗୋଲାକାର, ଯାହାକି ପିଲାମାନଙ୍କର ଆଘାତପ୍ରାପ୍ତ ହେବାର ଆଶଙ୍କାକୁ ହ୍ରାସ କରିଥାଏ। ଆହୁରି, ଏହିସବୁ ଖେଳନାରେ କୌଣସି ପ୍ରକାର ରାସାୟନିକ ବ୍ୟବହାର ହୋଇନଥାଏ। ଏହି ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର ଲାଗି, ରାଜୁ ତାଙ୍କ ଗ୍ରାମର କଳାକାରମାନଙ୍କୁ ନେଇ ଏକ ନୂତନ ଆନ୍ଦୋଳନ ଆରମ୍ଭ କରିଥିଲେ। ଜିଓଗ୍ରାଫିକାଲ ଇଣ୍ଡିକେସନ ରେଜିଷ୍ଟ୍ରିରୁ ଏହି ପାରମ୍ପରିକ ଖେଳନାଗୁଡ଼ିକୁ ଭୌଗଳିକ ସୂଚକ ବା ଜିଓଗ୍ରାଫିକାଲ ଇଣ୍ଡିକେସନ (ଜିଆଇ) ଟ୍ୟାଗ ମିଳିଥିଲା। ରାଜୁଙ୍କ ଏହି ପ୍ରୟାସ କେବଳ ଏକ ହଜିଯାଉଥିବା ପରମ୍ପରାର ପୁନରୁଦ୍ଧାର କରିନାହିଁ ବରଂ 150ରୁ ଅଧିକ ପରିବାରକୁ ଜୀବିକା ଯୋଗାଇ ଦେଇଛି।

"ଆତ୍ମନିର୍ଭର ଭାରତ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଅନୁସରଣ କରି, ଆମେ ଖେଳନା ପ୍ରସ୍ତୁତ କରିବା ଲାଗି ନିଷ୍ପତ୍ତି ନେଲୁ, ଯାହାକି ସାଧାରଣତଃ ବାହାରୁ ଆମଦାନୀ କରାଯାଇଥାଏ। ଲକଡାଉନ ସମୟରେ ଗଭୀର ଅଧ୍ୟୟନ କରିବା ପରେ, ଆମେ ଗୁଜରାଟର ରାଜକୋଟରେ ଖେଳନା ତିଆରି କରିବା ଆରମ୍ଭ କଲୁ। ଆମର ଲକ୍ଷ୍ୟ ହେଉଛି ଆମଦାନୀ ହ୍ରାସ କରିବା ଏବଂ ଭାରତକୁ ଖେଳନା ନିର୍ମାଣ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା", ବୋଲି କହିଛନ୍ତି ଆଦିତି ଟଏଜ୍ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଭୋରା। ଏହି ଖେଳନା ଉତ୍ପାଦନକାରୀ ଫାର୍ମ ଶତପ୍ରତିଶତ ଭାରତ ନିର୍ମିତ ଖେଳନା ତିଆରି କରିବା ଲାଗି ଲକ୍ଷ୍ୟ ରଖିଥିଲା। ଏଠାରେ 160 ପ୍ରକାରର ଖେଳନା ତିଆରି ହେଉଛି ଯାହାକି ଆମଦାନୀ କରାଯାଉଥିବା ଖେଳନା ପ୍ରତି କଡ଼ା ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିଛି। ସେମାନଙ୍କର ଉଦ୍ୟମ ବିଷୟରେ, ଭୋରା କୁହନ୍ତି, ନୂତନ ପ୍ରଯୁକ୍ତିର ଉପଯୋଗ କରି ସେମାନେ ଶତପ୍ରତିଶତ ଭାରତୀୟ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। "ସମ୍ପୂର୍ଣ୍ଣ ଭାବେ ଭାରତୀୟ ଚାହିଦାକୁ ପୂରଣ କରିବା ଏବଂ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଆମର ଲକ୍ଷ୍ୟ। ଲକଡାଉନର ମାତ୍ର ତିନି ମାସ ପରେ ଆମେ ସମସ୍ତ ବ୍ୟବସ୍ଥା କଲୁ। ଯଦି ଆମେ ସମସ୍ତେ ମିଳିତ ପ୍ରୟାସ କରିବା, ଆମେ ବଡ଼ ପରିବର୍ତ୍ତନ ଆଣିପାରିବା", ଭୋରା କହିଥିଲେ। କମ୍ପାନୀ 1.15 କୋଟି ଟଙ୍କା ଋଣ ନେଇଥିଲା ଏବଂ ସଙ୍କଟକୁ ସୁଯୋଗରେ ପରିଣତ କରି ଦେଇଥିଲା। ସେମାନଙ୍କର ତୃତୀୟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ରହିଛି ଏବଂ ସେମାନେ ରିମୋଟ କଣ୍ଟ୍ରୋଲ କାର ଠାରୁ ଆରମ୍ଭ କରି ଡକ୍ଟର ସେଟ୍ ପର୍ଯ୍ୟନ୍ତ ଖେଳନା ତିଆରି କରୁଛନ୍ତି। ଆମଦାନୀ କରାଯାଉଥିବା ଖେଳନା ଠାରୁ ସେମାନଙ୍କ ଉତ୍ପାଦ ବେଶ ଶସ୍ତା।

ଏଗୁଡ଼ିକ କେବଳ ସାଧାରଣ କାହାଣୀ ନୁହେଁ ବରଂ ଭାରତରେ ଖେଳନା କ୍ଷେତ୍ରର ପରିବର୍ତ୍ତିତ ରୂପ। ଯେତେବେଳେ ଅଭିନବ୍ ବାନାର୍ଜୀ ଦିଲ୍ଲୀର ପ୍ରସିଦ୍ଧ ଖେଳନା ବଜାର ଝଣ୍ଡେୱାଲାଁ ଗଲେ, ସେ ଏକ ପରିବର୍ତ୍ତନ ଦେଖିପାରିଲେ। ସେ କହିଥିଲେ, ପୂର୍ବରୁ ଏହି ବଜାରରେ କେବଳ ଆମଦାନୀ କରାଯାଉଥିବା ଖେଳନା ବିକ୍ରି ହେଉଥିଲା। ତେବେ, ଶେଷଥର ପାଇଁ ସେ ଏହି ବଜାରକୁ ଯିବା ସମୟରେ ସେ ବହୁସଂଖ୍ୟକ ମେଡ଼ ଇନ ଇଣ୍ଡିଆ ଖେଳନା ଦେଖିବାକୁ ପାଇଥିଲେ। ଖାଲି ଖେଳନା ପ୍ରସ୍ତୁତକାରୀ ନୁହନ୍ତି, ବରଂ ଖେଳନା ବିକ୍ରେତାମାନେ ମଧ୍ୟ ମେଡ ଇନ ଇଣ୍ଡିଆ ପସନ୍ଦ କରୁଛନ୍ତି। ବର୍ତ୍ତମାନ ତୃଣମୂଳସ୍ତରରେ ଏହି ବାସ୍ତବ ପରିବର୍ତ୍ତନକୁ ଯେକେହି ହୃଦୟଙ୍ଗମ କରିପାରିବେ। 2020ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପରିବର୍ତ୍ତନର ବୀଜ ବପନ କରିଥିଲେ। ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ'ର ଅଗଷ୍ଟ, 2020 ଅଧ୍ୟାୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ଖେଳନା ଲାଗି 'ଭୋକାଲ ଫର ଲୋକାଲ' ହେବାର ସମୟ ଆସିଛି। "ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବିଶ୍ୱ ଖେଳନା ବଜାରରେ 7 ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣରେ କାରବାର ହୋଇଥାଏ କିନ୍ତୁ ଏଥିରେ ଭାରତର ଭାଗ ଅତି କମ। ବର୍ତ୍ତମାନ, ଥରେ ଭାବନ୍ତୁ ତ' ଏତେ ଅଧିକ ଐତିହ୍ୟ, ପରମ୍ପରା, ବିବିଧତା ଓ ଯୁବ ଜନସଂଖ୍ୟା ଥିବା ରାଷ୍ଟ୍ର କଥା। ଖେଳନା ବଜାର (ବିଶ୍ୱ)ରେ ଭାରତର ଏତେ କମ ଯୋଗଦାନ ଭଲ ଅନୁଭବ ଦେଉଛି କି? ଆଦୌ ନୁହେଁ, ଏହା ଶୁଣିବା ପରେ ଆପଣମାନଙ୍କୁ ମଧ୍ୟ ଭଲ ଲାଗିବ ନାହିଁ", ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ସେ ଭାରତୀୟ ଖେଳନା ବଜାର ଉପରେ ଅଧିକ ଧ୍ୟାନ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଭାରତୀୟ ବଜାରରେ ବିଦେଶୀ ଖେଳନାଗୁଡ଼ିକର ପ୍ରାବଲ୍ୟ ଦେଖିବାକୁ ମିଳୁଛି। ପାରମ୍ପରିକ ଏବଂ ସ୍ଥାନୀୟ ଖେଳନାଗୁଡ଼ିକ ଦେଖିବାକୁ ମିଳୁନାହିଁ। ଯେଉଁ ସମୟରେ ସମଗ୍ର ବିଶ୍ୱ କରୋନା ଭୂତାଣୁ ମହାମାରୀ ବିରୋଧରେ ସଂଘର୍ଷ କରୁଛି, ଭାରତ ସଙ୍କଟକୁ ଏକ ସୁଯୋଗରେ ପରିଣତ କରିଦେଇଛି ଏବଂ ହାତ ତିଆରି ଓ ସ୍ଥାନୀୟ ଖେଳନାଗୁଡ଼ିକ ଲୋକଲୋଚନକୁ ଆସିପାରିଛନ୍ତି। ବର୍ତ୍ତମାନ ଭାରତ ଏହାର ପ୍ରତିଭା ଓ ସାହସ ବଳରେ ଖେଳନା ବଜାରରେ ରାଜୁତି କରିବା ଲାଗି ପ୍ରସ୍ତୁତ। 'ଭୋକାଲ ଫର ଲୋକାଲ' ମନ୍ତ୍ର ଦେଶୀୟ ଖେଳନା ପ୍ରତି ଉଭୟ କ୍ରେତା ଓ ବିକ୍ରେତାଙ୍କ ଦୃଷ୍ଟିକୋଣକୁ ବଦଳାଇ ଦେଇଛି। ଏହା ପାରମ୍ପରିକ ଖେଳନା, ବିଶେଷ କରି ଟେରାକୋଟା, ଗୁଆ, କାଠ, ବାଉଁଶ ଓ କଇଁଛ ଖୋଳପାରେ ପ୍ରସ୍ତୁତ ଖେଳନାଗୁଡ଼ିକର ଚାହିଦା ବଢ଼ାଇ ଦେଇଛି। ପରିବର୍ତ୍ତନର ଏହି ହାୱା ଖାଲି ହାତ ତିଆରି ଖେଳନା କ୍ଷେତ୍ରରେ ନୁହେଁ ବରଂ ଖେଳନା ଉଦ୍ୟୋଗକୁ ପ୍ରଭାବିତ କରିଛି। ଭାରତରେ ବହୁସଂଖ୍ୟକ କୁଶଳୀ ଶିଳ୍ପୀ ଅଛନ୍ତି ଯେଉଁମାନେ ଭଲ ଖେଳନା ତିଆରି କରିବାରେ ସିଦ୍ଧହସ୍ତ। ଗୁଜରାଟର ରାଜକୋଟ, କର୍ଣ୍ଣାଟକର ରାମନଗର ଅନ୍ତର୍ଗତ ଚାନ୍ନାପାଟନା, ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଅନ୍ତର୍ଗତ କୋଣ୍ଡାପଲ୍ଲୀ, ତାମିଲନାଡୁର ତାଞ୍ଜାଭୁର, ଆସାମର ଢୁବରୀ, ଉତ୍ତର ପ୍ରଦେଶର ବାରଣାସୀ ସମେତ ଦେଶର ବିଭିନ୍ନ ଭାଗକୁ ଏବେ ଖେଳନା କ୍ଲଷ୍ଟର ଭାବେ ବିକଶିତ କରାଯାଉଛି। ଭାରତକୁ ଖେଳନା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଏସବୁ ପଦକ୍ଷେପ ମାଧ୍ୟମରେ ପ୍ରତିଫଳିତ ହେଉଛି। ଏହି ଉଦ୍ୟୋଗର ପୁନରୁଦ୍ଧାର ଏବଂ ସମ୍ପ୍ରସାରଣ ଲାଗି ମୋଟ 15ଟି ମନ୍ତ୍ରଣାଳୟ ଏବଂ ବିଭାଗ ପରସ୍ପର ସହ ହାତ ମିଳାଇଛନ୍ତି। ଭାରତୀୟ ଖେଳନା ଉଦ୍ୟୋଗକୁ ଆତ୍ମନିର୍ଭରଶୀଳ କରିବା ଲାଗି ସଂକଳ୍ପର ଏହା କେବଳ ମାତ୍ର ଆରମ୍ଭ। କିନ୍ତୁ, ପୂର୍ବର କେନ୍ଦ୍ର ସରକାରମାନେ କିଛି କରିନଥିଲେ କି? ଯଦି ସେମାନେ କରିଥିଲେ, ଫଳ କ'ଣ ଥିଲା? ଏହି ନୂଆ ଆରମ୍ଭର କାରଣ କ'ଣ?

ଆଜିରି କୌଶଳ, ସାହସ ପଛରେ ରହିଛି ସମୃଦ୍ଧ ପ୍ରାଚୀନ ସଭ୍ୟତା

କୌଣସି ଦେଶର ଖେଳନା ଏହାର ସଂସ୍କୃତି ଓ ଜୀବନଶୈଳୀକୁ ପ୍ରତିଫଳିତ କରିଥାଏ। ଖେଳନା ସହିତ ଭାରତର ସମ୍ପର୍କ ପ୍ରାଚୀନ ହରପ୍ପା ସଭ୍ୟତାରୁ ଆରମ୍ଭ ହୋଇଥିଲା। ଖନନ ସମୟରେ, ସେ ସମୟର ଖେଳନାଗୁଡ଼ିକ ମିଳିଛି, ଯାହା ଭିନ୍ନ ଭିନ୍ନ ପ୍ରକାରର ହୋଇଥିବା ଦେଖିବାକୁ ମିଳିଥାଏ।

ଏପରିକି ଆଧୁନିକ ସମୟରେ, ସମ୍ବଳର ଅଭାବ କାରଣରୁ ପିଲାମାନେ ଖେଳନା ଓ ଖୁସିରୁ ବଞ୍ଚିତ ରହିପାରିବେ ନାହିଁ। ଏହି କାରଣରୁ ପ୍ରାଚୀନ ସମୟରୁ ଖେଳନାଗୁଡ଼ିକ ପ୍ରତ୍ୟେକ ପରିବାରର ଅଂଶବିଶେଷ ହୋଇ ରହିଆସିଛି। ଧନୀ କିମ୍ବା ଗରିବ ପରିବାର ହେଉ, ପିଲାମାନଙ୍କ ଜୀବନରେ ଖେଳନା ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇରହିଛି। ମାତାପିତା ସେମାନଙ୍କର ପିଲାମାନଙ୍କୁ-ଦାମୀ ହେଉ କିମ୍ବା ଶସ୍ତା-ସେମାନଙ୍କ ପାଖରେ ଯେତିକି ସମ୍ବଳ ଥାଏ ତଦନୁଯାୟୀ ଖେଳନା ଦେଇଆସିଛନ୍ତି। ସାରା ଭାରତରେ, ଖେଳନାଗୁଡ଼ିକ ଜୀବନ ଏବଂ ପରମ୍ପରାର ପ୍ରମୁଖ ଅଂଶବିଶେଷ ହୋଇ ରହିଆସିଛି। ଦକ୍ଷିଣ ଭାରତରେ, 'ବୋମ୍ମାଲା କୋଲୁଭୁ' ବା 'ଖେଳନା ଦରବାର' ଦଶହରା

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆତ୍ମ-ନିର୍ଭରଶୀଳ ଭାରତ ସହିତ, ଭାରତୀୟ ଖେଳନା ପାଇଁ ଭୋକାଲ ଫର ଲୋକାଲ ହେବା ଉଚିତ୍

ଲକ୍ଷ୍ମୀ ଚାନ୍ଦ, ବିଜୟ ମେହେରାଙ୍କୁ ଆତ୍ମନିର୍ଭରଶୀଳ କରିଛି ଖେଳନା

ଦିଲ୍ଲୀର ଲକ୍ଷ୍ମୀ ଚାନ୍ଦ ତାଙ୍କ ମାତାପିତାଙ୍କ ଠାରୁ ଖେଳନା ତିଆରି କରିବାର ପେସାକୁ ଆଗେଇ ନେଉଛନ୍ତି। ଦିଲ୍ଲୀ ରଘୁବୀର ନଗର ଜେଜେ କଲୋନୀର ବାସିନ୍ଦା 55 ବର୍ଷୀୟ ବୟସ୍କ ଏହି ବ୍ୟକ୍ତି ଜଣକ ହାତତିଆରି କାର ପ୍ରସ୍ତୁତ କରିଥାନ୍ତି ଯାହା ଟକ୍-ଟକ୍ ନାମରେ ପରିଚିତ। "ମୋର ମାତାପିତା ଗତ 43 ବର୍ଷ ଧରି ଏହି ଖେଳନା ତିଆରି କରି ଆସୁଛନ୍ତି। ମୁଁ ତାଙ୍କୁ ଆରମ୍ଭରୁ ସାହାଯ୍ୟ କରି ଆସୁଥିଲି। କିନ୍ତୁ ଏବେ ସରକାର ଏ ଦିଗରେ ବିଶେଷ ଧ୍ୟାନ ଦେଉଥିବାରୁ ଏହା ଆମ ଭଳି ଖେଳନା ନିର୍ମାତାମାନଙ୍କୁ ନିଶ୍ଚିତ ଭାବେ ସହାୟକ ହେବ, ସେ କହିଥିଲେ। ଅତି ସହଜ ଦେଖାଯାଉଥିବା କିନ୍ତୁ ପିଲାମାନଙ୍କ ପାଇଁ ବିଶେଷ ଆକର୍ଷଣୀୟ ଏହି ଟକ୍-ଟକ୍ ଖେଳନା ତିଆରି କରିବା ଏତେ ସହଜ ନୁହେଁ। ଏହି ଖେଳନା ସମ୍ପୂର୍ଣ୍ଣ ହେବା ସରଞ୍ଜାମ ଅତିକମରେ 40 ହାତ ଦେଇ ଅତିକ୍ରମ ଆସିଥାଏ। କାରୀଗରମାନଙ୍କର ଏହି କୌଶଳ ବର୍ତ୍ତମାନ ଭର୍ଚୁଆଲ ମାଧ୍ୟମରେ ସାରା ଦୁନିଆ ଆଗରେ ଉଜାଗର ହୋଇପାରିଛି।

ଇଛା ଥିଲେ ଉପାୟ ଆପେ ଆପେ ଆସିଥାଏ। ଏହି ଉକ୍ତିକୁ ଯଥାର୍ଥ ସାବ୍ୟସ୍ତ କରି, ହିମାଚଳ ପ୍ରଦେଶ କାଙ୍ଗଡ଼ାର ବିଜୟ ମେହରା ଏକ ମୃତପ୍ରାୟ ଖେଳନା ତିଆରି କଳାର ପୁନରୁଦ୍ଧାର କରିବାରେ ସଫଳ ହୋଇଛନ୍ତି। ବାଉଁଶରେ ଖେଳନା ତିଆରି କରି ବିଜୟ ମେହେରା କେବଳ ନିଜେ ଆତ୍ମନିର୍ଭରଶୀଳ ହୋଇନାହାନ୍ତି, ବରଂ ଅନ୍ୟମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଦେଇଛନ୍ତି। "ବାଉଁଶ ଅତି ସହଜରେ ମିଳିଯାଇଥାଏ। ଏହି ଖେଳନାରୁ ମଧ୍ୟ ଭଲ ଲାଭ ମିଳୁଛି। ମୁଁ ଏବେସୁଦ୍ଧା 150 ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲିଣି", ମେହରା କହିଥିଲେ।

ସମୟରେ ଆୟୋଜନ କରାଯାଇଥାଏ, ଯେଉଁଠି କଣ୍ଢେଇ ଓ ମୂର୍ତ୍ତିଗୁଡ଼ିକୁ ପ୍ରଦର୍ଶିତ କରାଯାଏ। ବିଭିନ୍ନ ବିଷୟବସ୍ତୁ ଆଧାରରେ ଖେଳନାଗୁଡ଼ିକୁ ପ୍ରଦର୍ଶିତ କରାଯାଏ। ଏଠାରେ ପ୍ରଦର୍ଶିତ ହେଉଥିବା ପ୍ରତ୍ୟେକ ଉତ୍ପାଦ ଗ୍ରାମୀଣ କାରିଗରମାନଙ୍କ ଦ୍ୱାରା ମାଟି କିମ୍ବା କାଠ ସାମଗ୍ରୀରେ ପ୍ରସ୍ତୁତ ହୋଇଥାଏ। କଣ୍ଢେଇଗୁଡ଼ିକୁ ଉଜ୍ଜ୍ୱଳ ରଙ୍ଗରେ ରଙ୍ଗାୟିତ କରାଯାଇଥାଏ। ଭାରତୀୟ ଖେଳନା ସଂଘର ବୈଷୟିକ ସମିତିର ଆବାହକ ମୃନୁ ଗୁପ୍ତା କୁହନ୍ତି, ଭାରତ ହେଉଛି ଦୁନିଆର ଏକମାତ୍ର ଦେଶ ଯେଉଁଠି ଜିଆଇ ଟ୍ୟାଗ ଥିବା 12ଟି ଖେଳନା କ୍ଲଷ୍ଟର ରହିଛି। "ଏହାଛଡ଼ା, ଦେଶରେ 20ଟି ପାରମ୍ପରିକ ଖେଳନା କ୍ଲଷ୍ଟର ରହିଛି। ଭାରତୀୟ ଖେଳନାର ଇତିହାସ 5000 ବର୍ଷ ପୁରୁଣା। ତେଣୁ ଖେଳନା ଉତ୍ପାଦକମାନେ ସଂଗଠିତ ହେବାର ବିଶେଷ ଆବଶ୍ୟକତା ରହିଛି", ଗୁପ୍ତ କହିଛନ୍ତି। ବିବିଧତା ମଧ୍ୟରେ ଏକତାର ଦେଶ ଭାରତରେ ଏହାର ଖେଳନାଗୁଡ଼ିକ ବିବିଧ ସଂସ୍କୃତିକୁ ପ୍ରତିଫଳିତ କରିଥାନ୍ତି। ଉତ୍ତର ହେଉ ଅବା ଦକ୍ଷିଣ, କିମ୍ବା ପୁଣି ଉତ୍ତର ପୂର୍ବ, ପ୍ରତ୍ୟେକ ଅଞ୍ଚଳର ଖେଳନା ସ୍ଥାନୀୟ ପରମ୍ପରାକୁ ପ୍ରତିଫଳିତ କରିଥାଏ।

ନୂତନ ଆକାଂକ୍ଷାକୁ ଉଡ଼ିବାର ସୁଯୋଗ

ଭାରତୀୟ ଖେଳନାଗୁଡ଼ିକର ସମୃଦ୍ଧ ସାଂସ୍କୃତିକ ପରମ୍ପରା ରହିଛି। ତେବେ ଏଥିପାଇଁ ମଞ୍ଚର ଅଭାବ ରହିଛି। ଭାରତୀୟ ଖେଳନାଗୁଡ଼ିକୁ ମଞ୍ଚ ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପାରମ୍ପରିକ ଖେଳନାଗୁଡ଼ିକୁ ଅଭିନବତା ଓ ପ୍ରଯୁକ୍ତି

ଭାରତୀୟ ଖେଳନାର ଇତିହାସ 5,000 ବର୍ଷ ପୁରୁଣା। ଏହା ସତ୍ତ୍ୱେ ବିଶ୍ୱ ବଜାରରେ ଭାରତୀୟ ଖେଳନାଗୁଡ଼ିକର ଯୋଗଦାନ ଅତ୍ୟନ୍ତ ନଗଣ୍ୟ।

ସହିତ ଯୋଡ଼ିବା ଲାଗି ମାସେ ବ୍ୟାପି ଟଏକ୍ୟାଥନ ଆୟୋଜନ କରାଯାଇଥିଲା। ଆହୁରି, ଭାରତର ପ୍ରଥମ ଖେଳନା ମେଳା ଫେବୃଆରୀରେ ଆୟୋଜନ କରାଯାଇଥିଲା। କାନପୁର ହେଉ ଅବା ରାଜସ୍ଥାନ ଖେଳନା ତିଆରି କରୁଥିବା ଲୋକମାନଙ୍କ ପାଇଁ ଏହି ମେଳା ଏକ ନୂଆ ଆଶା ଦେଇଛି, ଏଥିରୁ ଏହି ମେଳାର ସଫଳତା ଆକଳନ କରି ହେବ। ରାଜସ୍ଥାନର ରାଜେନ୍ଦ୍ର କୁମ୍ଭାର କୁହନ୍ତି, ଏପରି ପଦକ୍ଷେପ ସାରା ଦେଶର ଦେଶୀୟ ଉତ୍ପାନକାରୀମାନଙ୍କୁ ଉତ୍ସାହିତ କରିବ। "ଆତ୍ମନିର୍ଭରଶୀଳ ଭାରତ ଏବଂ 'ଭୋକାଲ ଫର ଲୋକାଲ' ଭଳି ପଦକ୍ଷେପ

ଶିଶୁର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ

2009-10ରେ ବଡ଼ ବ୍ରାଣ୍ଡର ଖେଳନାରେ ଥାଲାଟର ଉପସ୍ଥିତିକୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଆମଦାନୀ କରାଯାଉଥିବା ଖେଳନାରେ ମଣିଷ ଶରୀର ପ୍ରତି ହାନିକାରକ ଥାଲାଟ ଥିବା ଜଣାପଡ଼ିଥିଲା।

ରିପୋର୍ଟରୁ ଜଣାଯାଇଛି ଯେ ପ୍ଲାଷ୍ଟିକ ଖେଳନାକୁ କୋମଳ ଓ ନମନୀୟ କରିବା ଲାଗି ଥାଲାଟ ଉପଯୋଗ କରାଯାଇଥାଏ। ଏହି ରାସାୟନିକଗୁଡ଼ିକ ଅତ୍ୟନ୍ତ ବିଷାକ୍ତ, ବିଶେଷ କରି ତିନି ବର୍ଷରୁ କମ ବୟସର ଶିଶୁଙ୍କ ଲାଗି।

ଆମେରିକା ଓ ଇଂଲଣ୍ଡରେ ଥାଲାଟର ଉପଯୋଗ ବନ୍ଦ କରି ଦିଆଯାଇଛି। ଏହା ସଂସ୍ପର୍ଶରେ ଆସିଲେ ପିଲାମାନଙ୍କ ଠାରେ ପ୍ରଜନନ ଅକ୍ଷମତା, ଶ୍ୱାସରୋଗ ଏବଂ ଆଲର୍ଜି ହେବାର ଆଶଙ୍କା ରହିଛି।

ଶିଶୁଙ୍କ ପାଇଁ ହାନିକାରକ ଲିଡ ରଙ୍ଗର ମାତ୍ରାଧିକ ପରିମାଣ ମିଳିବା ପରେ ଆମେରିକୀୟ କମ୍ପାନୀ ମେଟଲ ପକ୍ଷରୁ ପ୍ରସ୍ତୁତ ଆଠ ଲକ୍ଷ ଖେଳନାକୁ 2007ରେ ପ୍ରତ୍ୟାହାର କରି ନିଆଯାଇଥିଲା।

ଏ ସମ୍ପର୍କରେ ପୂର୍ବରୁ ଅନେକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଥିଲେ ସୁଦ୍ଧା ତତ୍କାଳୀନ ସରକାର ଏ ଦିଗରେ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରିନଥିଲେ।

ଫଳାଫଳରୁ ଜଣାପଡ଼ିଥାଏ ଯେ ଏପରି ଖେଳନା ପିଲାମାନଙ୍କ ଚର୍ମକୁ କ୍ଷତି ପହଞ୍ଚାଇପାରେ କିମ୍ବା ନଷ୍ଟ କରି ଦେଇପାରେ। ମାତ୍ର 33 ପ୍ରତିଶତ ଖେଳନା ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

2019ରେ କ୍ୱାଲିଟି କାଉନସିଲ ଅଫ ଇଣ୍ଡିଆ (କ୍ୟୁସିଆଇ) ପକ୍ଷରୁ ଜାତୀୟ ରାଜଧାନୀ ଅଞ୍ଚଳର ବଜାରରେ ଉପଲବ୍ଧ 121ଟି ଭିନ୍ନ ଭିନ୍ନ ପ୍ରକାରର ଖେଳନାକୁ ଯାଞ୍ଚ କରାଯାଇଥିଲା।

ଏଥିରେ ବହୁସଂଖ୍ୟକ ଖେଳନା ଥାଲାଟ, ଭାରୀ ଧାତୁ ଆଦିର ଅନୁମତିଯୋଗ୍ୟ ସ୍ତର ବଜାୟ ରଖିବାର ନିରାପତ୍ତା ମାନକକୁ ପୂରଣ କରୁନଥିଲେ।

41.3% ନମୁନା ଯାନ୍ତ୍ରିକ ଉପାଦାନ କ୍ଷେତ୍ରରେ ବିଫଳ ହୋଇଥିଲେ।

3.3 % ନମୁନାରେ ଅନୁମତିଯୋଗ୍ୟ ଥାଲାଟ ସ୍ତର ନଥିଲା।

12.4 % ନମୁନା ଯାନ୍ତ୍ରିକ ଏବଂ ଥାଲାଟ ଯାଞ୍ଚରେ ବିଫଳ

7.4 % ନମୁନା ଜ୍ୱଳନଶୀଳତା ପରୀକ୍ଷାରେ ବିଫଳ

2.5% ନମୁନା ଯାନ୍ତ୍ରିକ ଏବଂ ଜ୍ୱଳନଶୀଳତା ପରୀକ୍ଷାରେ ବିଫଳ

କ୍ୟୁସିଆଇ ପକ୍ଷରୁ ଏହିସବୁ ଖେଳନାଗୁଡ଼ିକର ଯାନ୍ତ୍ରିକ ଏବଂ ଭୌତିକ ନିରାପତ୍ତା ଉପାଦାନ ପରୀକ୍ଷା କରାଯାଇଥିଲା। ଏହାଛଡ଼ା ଏଥିରେ ଭାରୀ ଧାତୁର ଉପସ୍ଥିତି ଯାଞ୍ଚ କରାଯାଇଥିଲା।

ଫଳାଫଳରୁ ଜଣାପଡ଼ିଥିଲା ଯେ ଖେଳନାଗୁଡ଼ିକରେ ବିପଜ୍ଜନକ ରାସାୟନିକ ରହିଛି।

ଫଳରେ ପାରମ୍ପରିକ ଖେଳନା ନିର୍ମାତାମାନେ ଲାଭବାନ ହେବେ। ଏହା ଭାରତ ପାଇଁ ମଧ୍ୟ ଲାଭଜନକ ହେବ କାରଣ ପାରମ୍ପରିକ ଖେଳନାଗୁଡ଼ିକ ଆମର ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ସହାୟକ ହୋଇପାରିବେ", କୁମ୍ଭାର କହିଥିଲେ। ସେହି ମେଳା ମଧ୍ୟପ୍ରଦେଶ ଇନ୍ଦୋରର ଖେଳନା ନିର୍ମାତା ଜିତେନ୍ଦରଙ୍କୁ ମଧ୍ୟ ସମାନ ଆଶା ଦେଇଛି। ଜିତେନ୍ଦ୍ର ଉପଯୋଗ ହୋଇସାରିଥିବା ଚମଡ଼ାର ପ୍ରକ୍ରିୟାକରଣ କରି ଖେଳନା ତିଆରି କରିଥାନ୍ତି। ସେ କହିଛନ୍ତି, ଏପରି ମେଳା ତାଙ୍କ ଭଳି କାରୀଗରମାନଙ୍କୁ କୌଶଳ ପ୍ରଦର୍ଶନ କରିବାର ସୁଯୋଗ ଦେବା ସହିତ ସ୍ଥାନୀୟ ସାମଗ୍ରୀଗୁଡ଼ିକୁ ମୁଖ୍ୟଧାରାକୁ ଆଣିବାରେ ପ୍ରଭାବୀ ସାବ୍ୟସ୍ତ ହୋଇଛି।

ସୁସ୍ଥ ଶୈଶବ ପାଇଁ ଦେଶୀୟ ଖେଳନା

ଖେଳନା ପିଲାର ପ୍ରଥମ ବନ୍ଧୁ ହୋଇଥାନ୍ତି। ଏଗୁଡ଼ିକ କେବଳ ପିଲାମାନଙ୍କୁ ଆନନ୍ଦ ଦେଇନଥାନ୍ତି, ବରଂ ସେମାନଙ୍କୁ ଅନେକ କଥା ଶିଖାଇଥାନ୍ତି। ଏସବୁ ପ୍ରାୟତଃ ସମସ୍ତେ ଜାଣନ୍ତି। ତେବେ, ବଜାରରେ ବିଦେଶୀ ଖେଳନା ଆସିବା ଫଳରେ ଭାରତୀୟ ଖେଳନାଗୁଡ଼ିକ ଲୁପ୍ତପ୍ରାୟ ହୋଇଯାଇଛନ୍ତି। ଆମଦାନୀ କରାଯାଉଥିବା ଏହି ଖେଳନାଗୁଡ଼ିକ କେବଳ ଭାରତୀୟ ଖେଳନା ଉଦ୍ୟୋଗ ପାଇଁ ନୁହେଁ ବରଂ ପିଲାଙ୍କ ସ୍ୱାସ୍ଥ୍ୟ ପକ୍ଷେ ମଧ୍ୟ ହାନିକାରକ। କ୍ୱାଲିଟି

ବିଶ୍ୱ ଖେଳନା ବଜାରରେ ଭାରତର ଯୋଗଦାନ

85%

ବିଶ୍ୱ ଖେଳନା ରପ୍ତାନିରେ ଚୀନର ଯୋଗଦାନ। ୟୁରୋପୀୟ ସଂଘ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି।

₹7 ଲକ୍ଷ କୋଟି

ବିଶ୍ୱ ଖେଳନା ବଜାରର ଆକାର। ଏହା 2025 ସୁଦ୍ଧା 9.5 ଲକ୍ଷରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

0.5%

ଯୋଗଦାନ ଭାରତ ବିଶ୍ୱ ଖେଳନା ବଜାରରେ ଦେଇଥାଏ-ମାତ୍ର ପାଖାପାଖି 45 କୋଟି ଟଙ୍କା

- ପ୍ରତିବର୍ଷ ଭାରତରେ 3,500 ରୁ 4,500 କୋଟି ଟଙ୍କାର ଖେଳନା ଭାରତରେ ବିକ୍ରି ହୋଇଥାଏ। ତେବେ ବିଦେଶୀ ଖେଳନାଗୁଡ଼ିକର ଯୋଗଦାନ ମାତ୍ର 15 ପ୍ରତିଶତ, ଅବଶିଷ୍ଟ ବାହାରୁ ଆମଦାନୀ କରାଯାଇଥାଏ।
- ଲେଗୋ ଏବଂ ମିଟେଲ ହେଉଛନ୍ତି ବିଶ୍ୱ ଖେଳନାର ସବୁଠୁ ବଡ଼ ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ। ବହୁ ବଡ଼ ଖେଳନା କମ୍ପାନୀଗୁଡ଼ିକ ସେମାନଙ୍କ ପ୍ଲାଣ୍ଟ ଚୀନରେ ସ୍ଥାପନ କରିଛନ୍ତି।
- ବିଶ୍ୱ ବଜାର ପାଖାପାଖି ପାଞ୍ଚ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ଥିବା ଭାବେ ଭାରତୀୟ ବଜାର 10-15 ପ୍ରତିଶତ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଏହି ଅଭିବୃଦ୍ଧି ଆଶା କରାଯାଉଥିବାରୁ ଭାରତ ଖେଳନା ଉଦ୍ୟୋଗରେ ନିଜର ଯୋଗଦାନକୁ ବଢ଼ାଇବାର ଆବଶ୍ୟକତା ରହିଛି।

2024 ସୁଦ୍ଧା ବିଶ୍ୱ ଖେଳନା ବଜାରରେ ଭାରତର ଯୋଗଦାନକୁ 2800 କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି।

କାଉନସିଲ ଅଫ ଇଣ୍ଡିଆ (କ୍ୟୁସିଆଇ) ପକ୍ଷରୁ କରାଯାଇଥିବା ପରୀକ୍ଷାରେ ବିଦେଶରୁ ଆମଦାନୀ କରାଯାଉଥିବା ପାଖାପାଖି 67 ପ୍ରତିଶତ ଖେଳନା ବିଫଳ ହୋଇଥିଲେ। ଏହାଛଡ଼ା ଭାରତୀୟ ବଜାରକୁ 85 ପ୍ରତିଶତ ଖେଳନା ଆମଦାନୀ କରାଯାଇଥାଏ, ଏବଂ ଏହାର ଅଧିକାଂଶ ଆମ ପଡ଼ୋଶୀ ଦେଶରୁ ଆସିଥାଏ। ରିପୋର୍ଟ ଅନୁଯାୟୀ, 45 ପ୍ରତିଶତ ନରମ ଖେଳନାରେ ଅନୁମତିଯୋଗ୍ୟ ସ୍ତର ଠାରୁ ଅଧିକ ଥାଲାଟ୍ ରହିଛି ଯାହାକି କର୍କଟ ରୋଗ ସୃଷ୍ଟି କରିପାରେ। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଆମଦାନୀ କରାଯାଉଥିବା ଖେଳନାରେ ଆର୍ସେନିକ ଏବଂ ଲିଡ ଭଳି ବିଷାକ୍ତ ଧାତୁ ରହିଛି। ଏଭଳି ପରିସ୍ଥିତିରେ, ପାରମ୍ପରିକ ଖେଳନା କେବଳ ସଂସ୍କୃତି ଓ ସମାଜର ସଂରକ୍ଷଣ ପାଇଁ ନୁହେଁ ବରଂ ପରିବେଶ ଓ ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଆହୁରି ଅଧିକ ଜରୁରି।

ବିଶ୍ୱ ବଜାରରେ ଝଡ଼ ସୃଷ୍ଟି କରିବାକୁ ପ୍ରସ୍ତୁତ ଭାରତୀୟ ଖେଳନା

ବର୍ତ୍ତମାନସୁଦ୍ଧା, ବିଶ୍ୱ ଖେଳନା ଉଦ୍ୟୋଗ ଜଗତର କାରବାର 7 ଲକ୍ଷ କୋଟି ଟଙ୍କାରୁ ଅଧିକ। ମାତ୍ର ଭାରତର ଅଂଶ ଏଥିରେ ମାତ୍ର 0.5 ପ୍ରତିଶତ ରହିଛି। 2025 ସୁଦ୍ଧା ଏହି ବଜାର 9.50 ଲକ୍ଷ କୋଟିକୁ ବୃଦ୍ଧି ପାଇବ ବୋଲି ଅନୁମାନ କରଯାଉଛି। ଭାରତର ଖେଳନା ଚାହିଦାର ପାଖାପାଖି 85 ପ୍ରତିଶତ ଆମଦାନୀ ଉପରେ ନିର୍ଭରଶୀଳ ହୋଇଥିବା





ଉତ୍ତର ପ୍ରଦେଶ

ବାରାଣସୀ ପାରମ୍ପରିକ ଖେଳନା ପାଇଁ ପ୍ରସିଦ୍ଧ। ଶାହରନପୁର ଏବଂ ଗ୍ରେଟର ନୋଏଡା ଅନ୍ତର୍ଜାତୀୟ ମାନର ଖେଳନା ଉତ୍ପାଦନ ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ।

ବାରାଣସୀ | ଗ୍ରେଟର ନୋଏଡ଼ା | ସାହାରନପୁର

ମଧ୍ୟପ୍ରଦେଶ

ଇନ୍ଦୋରରେ 1,000 ଏକର ଜମି ଚିହ୍ନଟ କରାଯାଇଛି; ବୁଦନି ଭୋପାଳ ନିକଟବର୍ତ୍ତୀ ହୋଇଥିବାରୁ ଲାଭବାନ ହେବ।

ଇନ୍ଦୋର | ଭୋପାଳ | ବୁଦନି

ଆନ୍ଧ୍ରପ୍ରଦେଶ

ଇଟିକୋପ୍ପାକା ଏବଂ କୋଣ୍ଡାପଲ୍ଲି ଗ୍ରାମୀଣ ଭାରତକୁ ପ୍ରତିଫଳିତ କରୁଥିବା କାଠ ତିଆରି ଖେଳନା ତିଆରି ପାଇଁ ପ୍ରସିଦ୍ଧ

ଇଟିକୋପ୍ପାକା | କୋଣ୍ଡାପଲ୍ଲି | କଡ଼ପା

ଗୁଜରାଟ

ବ୍ୟବସାୟ ପାଇଁ ପ୍ରସିଦ୍ଧ, ସମୃଦ୍ଧ ଗୁଜରାଟ ଖେଳନା ଉତ୍ପାଦନର କେନ୍ଦ୍ର ହେବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ

ପଟନ | ସାଗରପୁର



ବିହାର

ସିକି ଘାସରେ ତିଆରି ହୋଇଥିବା ଖେଳନାଗୁଡ଼ିକର ବିଶେଷ ପରିଚିତି ରହିଛି।

ଦରଭଙ୍ଗା | ସିକ୍କି

ତେଲଙ୍ଗାନା

400 ବର୍ଷ ପୁରୁଣା ସମୃଦ୍ଧ ପରମ୍ପରା, ନିର୍ମଲର ପଶୁ ଓ ପକ୍ଷୀ ଖେଳନା ନରମ କାଠରେ ତିଆରି ହୋଇଥାଏ।

ନିର୍ମଳ

ଲଦାଖ

କେନ୍ଦ୍ର ଶାସିତ ପ୍ରଦେଶରେ ଖେଳନା କ୍ଲଷ୍ଟର ତିଆରି କରି ସରକାର ଦେଶୀ ଖେଳନାଗୁଡ଼ିକୁ ଅନ୍ତର୍ଜାତୀୟ ପରିଚୟ ଦେବା ଲାଗି ପ୍ରସ୍ତୁତ।

ଲଦାଖ

ପୁଡୁଚେରୀ

ପୁଡୁଚେରୀର ପରିବେଶ ଅନୁକୂଳ ଖେଳନା ବିଶ୍ୱ ସ୍ତରରେ ପରିଚୟ ହାସଲ କରିବା ଲାଗି ପ୍ରସ୍ତୁତ ରହିଛି। ପାରମ୍ପରିକ ଭାବେ, ଏହି ଖେଳନା ଉଦ୍ୟୋଗରେ ପ୍ରାଥମିକ ଉପକରଣ ଭାବେ ମାଟି ଉପଯୋଗ କରାଯାଇଥାଏ।

ପୁଡୁଚରେୀ

ହିମାଚଳପ୍ରଦେଶ

ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ, ହିମାଚଳପ୍ରଦେଶ ଖେଳନାର ମଧ୍ୟ ବିଶ୍ୱ ସ୍ତରରେ ପରିଚୟ ରହିଛି।

ଶିମଲା

ତ୍ରିପୁରା

ତ୍ରିପୁରାରେ ବିଶେଷ କରି ବାଉଁଶରେ ଖେଳନା ତିଆରି ହୋଇଥାଏ।

ଅଗରତାଲା

ରାଜସ୍ଥାନ

ରାଜସ୍ଥାନର ଲାଖ ଖେଳନା ଓ କଣ୍ଢେଇଗୁଡ଼ିକ ବିଶ୍ୱପ୍ରସିଦ୍ଧ। ଏଗୁଡ଼ିକର ଉତ୍ପାଦନ ବୃଦ୍ଧି କରିବା ଉପରେ ଜୋର ଦିଆଯାଉଛି।

ଚିତ୍ତୋରଗଡ଼ | ଉଦୟପୁର | କଠପୁତଳି ନଗର



ନାଗାଲାଣ୍ଡ

ସାଂସ୍କୃତିକ ଭାବେ ସମୃଦ୍ଧ ନାଗାଲାଣ୍ଡ ଏବେ ଖେଳନା ଉତ୍ପାଦନର ନୂତନ କାହାଣୀ ଲେଖିବ।

ନାଗାଲାଣ୍ଡ

ଝାଡ଼ଖଣ୍ଡ

ଝାଡ଼ଖଣ୍ଡର କାଠ ଓ ମାଟି ଖେଳନା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ଲାଗି ପ୍ରସ୍ତୁତ

ଧାନବାଦ

କର୍ଣ୍ଣାଟକ

ଚାନ୍ନାପାଟନା ହେଉଛି ଭାରତର ପ୍ରଥମ ଖେଳନା କ୍ଲଷ୍ଟର। ଏଠାରେ ପ୍ରସ୍ତୁତ ଖେଳନାର ସବୁଆଡ଼େ ପରିଚୟ ରହିଛି।

ଚାନ୍ନାପାଟନା | କିନ୍ନାଲ

କେରଳ

କେରଳର ବ୍ୟବସାୟିକ ରାଜଧାନୀ ଭାବେ ପରିଚିତ ଏର୍ଣ୍ଣାକୁଲମ ବର୍ତ୍ତମାନ ଖେଳନା ଉତ୍ପାଦନର କେନ୍ଦ୍ର ପାଲଟିବାକୁ ଯାଉଛି।

ଏର୍ଣ୍ଣାକୁଲମ



ଓଡ଼ିଶା

ମୟୂରଭଞ୍ଜ ପିତ୍ତଳ ଏବଂ ଧାତୁ ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ। ଏହା ବର୍ତ୍ତମାନ ଖେଳନା ଉତ୍ପାଦନ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି।

ମୟୂରଭଞ୍ଜ

ସିକିମ

60 ବର୍ଷରୁଅଧିକ ପୁରୁଣା ସିକିମର ନରମ ଖେଳନା ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିବା ଲାଗି ପ୍ରସ୍ତୁତ ରହିଛି।

ମହାରାଷ୍ଟ୍ର

ସାୱନ୍ତୱାଡି

ଏଠାକାର କାଠ ଖେଳନା ଲୋକପ୍ରିୟ। ଖେଳନା କ୍ଲଷ୍ଟର ସହିତ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଆସାମ

ଆସାମ ଟେଡି ବିଅର ଉତ୍ପାଦନର କେନ୍ଦ୍ର। ଏକ ଖେଳନା କ୍ଲଷ୍ଟର ହେବା ସହିତ ଏହି ଉଦ୍ୟୋଗ ନୂଆ ପରିଚୟ ପାଇବା ଲାଗି ପ୍ରସ୍ତୁତ।

ତାମିଲନାଡୁ

ତାଞ୍ଜାଭୁର

ତାଞ୍ଜାଭୁରର କଣ୍ଢେଇଗୁଡ଼ିକ ନାଚୁଥିବା କଣ୍ଢେଇ ନାମରେ ପରିଚିତ, ଏଗୁଡ଼ିକ ପିଲାଠୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟ।

ସରକାରଙ୍କ ପଦକ୍ଷେପ

- ଉଦ୍ୟୋଗ ପ୍ରୋତ୍ସାହନ ଓ ଅନ୍ତରୀଣ ବାଣିଜ୍ୟ ବିଭାଗ ଏବଂ ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ 400 ଏମଏସଏମଇ ଖେଳନା ତିଆରିରେ ସମ୍ପୃକ୍ତ ରହିଛନ୍ତି। ଏଥିମଧ୍ୟରୁ 75 ପ୍ରତିଶତ ଲଘୁ, 22 ପ୍ରତିଶତ କ୍ଷୁଦ୍ର ଏବଂ ମଧ୍ୟମ ହୋଇଥିବା ବେଳେ ମାତ୍ର ତିନି ପ୍ରତିଶତ ବଡ଼ ୟୁନିଟ୍।
- ସରକାର ଦୁଇଟି ଦିଗରୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରଥମତଃ ସ୍ଥାନୀୟ ଖେଳନା ଉଦ୍ୟୋଗରେ ସୁଧାର ଆଣିବା ଏବଂ ଦ୍ୱିତୀୟତଃ ସେମାନଙ୍କୁ ଏକ ଉପଯୁକ୍ତ ବଜାର ଯୋଗାଇ ଦେବା ଯାହାଫଳରେ ସେଗୁଡ଼ିକ ଭାରତୀୟ ବଜାରରେ ଥିବା ବିଦେଶୀ ଖେଳନାଗୁଡ଼ିକ ସହିତ ପ୍ରତିଯୋଗିତା କରିପାରିବେ। ଭାରତରେ ପ୍ରଥମ ଥର ଲାଗି ଜାନୁଆରୀ-ଫେବୃଆରୀରେ ଟୟକ୍ୟାଥନ ଆୟୋଜନ କରାଯାଇଥିଲା। ଏହାପରେ ଫେବୃଆରୀ 27ରୁ ମାର୍ଚ୍ଚ 4 ତାରିଖ ପର୍ଯ୍ୟନ୍ତ ଭାରତର ପ୍ରଥମ ଖେଳନା ମେଳା ଆୟୋଜନ କରାଯାଇଥିଲା।
- ଖେଳନାଗୁଡ଼ିକ ଯେପରି ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରିବେ ନାହିଁ ସେଥିପାଇଁ ବ୍ୟୁରୋ ଅଫ ଇଣ୍ଡିଆ ଷ୍ଟାଣ୍ଡାର୍ଡସ (ବିଆଇଏସ) ପ୍ରମାଣପତ୍ର ହାସଲ କରିବାକୁ ବାଧ୍ୟତାମୂଳକ କରାଯାଇଛି।
- ବିଦେଶୀ ଖେଳନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରାଯାଇଛି। ଏହା ଦେଶୀୟ ଉତ୍ପାଦିତ ଖେଳନାଗୁଡ଼ିକୁ ସୁରକ୍ଷା ଯୋଗାଇ ଦେବ।

ବେଳେ ସ୍ଥାନୀୟ ଯୋଗଦାନ ମାତ୍ର 15 ପ୍ରତିଶତ। ସ୍ଥାନୀୟ ଉତ୍ପାଦଗୁଡ଼ିକର ଅବଦାନ ଗୁରୁତ୍ୱପୂର୍ଣ୍ଣ କାହିଁକି ନା 14 ବର୍ଷରୁ କମ ବୟସ୍କ ବିଶ୍ୱର ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ଭାରତରେ ରୁହନ୍ତି। ସ୍ଥାନୀୟ ଖେଳନା ନିର୍ମାତାଙ୍କ ପାଇଁ ଏହି ସଂଖ୍ୟା କେବଳ ଏକ ଆହ୍ୱାନ ନୁହେଁ ବରଂ ସେମାନଙ୍କ ପାଇଁ ଏକ ସୁଯୋଗ। ବିଶ୍ୱ ଖେଳନା ଉଦ୍ୟୋଗ ଜଗତରେ ଭାରତର ଅଂଶଧନକୁ 2800 କୋଟି ଟଙ୍କାରେ ପହଞ୍ଚାଇବା ଲାଗି ଭାରତୀୟ ଖେଳନା ନିର୍ମାତାଙ୍କ ନିକଟରେ ସାମର୍ଥ୍ୟ ରହିଛି। ଆତ୍ମ-ନିର୍ଭରଶୀଳ ଭାରତ ସହିତ 'ଭୋକାଲ ଫର ଲୋକାଲ' ମନ୍ତ୍ର ଭାରତୀୟ ଖେଳନାଗୁଡ଼ିକୁ ବିଶ୍ୱ ବଜାରରେ ଲୋକପ୍ରିୟ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ।

ଭାରତର ପ୍ରଥମ କଣ୍ଢେଇ ମେଳା ଓ ଟଏକାଥନ୍

ଭାରତୀୟ କଣ୍ଢେଇ ଶିଳ୍ପର ପୁନଃରୁତ୍ଥାନ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁ ଜରୁରି ବୋଲି ବିବେଚନା କରାଯାଏ । କଣ୍ଢେଇର ଗୁରୁତ୍ୱକୁ ଅନୁଭବ କରି ସରକାର ପ୍ରଥମ ଥର ପାଇଁ ଏହାର ଚିତ୍ରରେ ଉନ୍ନତି ଆଣିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ଏହି ଦିଗରେ ସରକାର କେତେଗୁଡ଼ିଏ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ମଧ୍ୟରେ କଣ୍ଢେଇ ଶିଳ୍ପୀ ତଥା ଏହି ଶିଳ୍ପମାନଙ୍କ ସକାଶେ ପ୍ଲାଟଫର୍ମ ଗଠନ ସାମିଲ ଯଦ୍ୱାରା ସେମାନେ ସେମାନଙ୍କର କଳା କୌଶଳକୁ ଉତ୍ତମ ରୂପେ ପ୍ରଦର୍ଶନ କରିପାରିବେ । ଭାରତକୁ କଣ୍ଢେଇ ଶିଳ୍ପ କ୍ଷେତ୍ରରେ ସାରା ବିଶ୍ୱରେ ଏକ ପେଣ୍ଠସ୍ଥଳୀରେ ପରିଣତ କରିବା ଲକ୍ଷ୍ୟ ନେଇ ଏକ କଣ୍ଢେଇ ମେଳାର ଆୟୋଜନ କରାଯାଇଥିଲା । ଏହି କଣ୍ଢେଇ ମେଳାରେ ଏହି ଶିଳ୍ପ ସହିତ ସଂଶ୍ଲିଷ୍ଟ ସମସ୍ତ ହିତଧାରକ, ଯେଉଁଥିରେ କ୍ରେତା ଓ ବିକ୍ରେତା, ଛାତ୍ରଛାତ୍ରୀ, ଶିକ୍ଷକ ଓ ଡିଜାଇନର ସାମିଲ ହୋଇଥିଲେ । ସେମାନେ ସଭିଏଁ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ କିଭଳି ଭାବେ ଦୀର୍ଘସ୍ଥାୟୀ ଯୋଗସୂତ୍ର ରକ୍ଷା କରିପାରିବେ ଓ ଏହି ଶିଳ୍ପର ସାମଗ୍ରିକ ବିକାଶ ନିମନ୍ତେ ନିଜ ନିଜ ମଧ୍ୟରେ ଆଲୋଚନା ଜାରି ରଖିବା ନିମନ୍ତେ ଏହି ମେଳା ସେମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥିଲା । ପୁଣି ଏହି

ସରକାର ନଅ ପ୍ରକାର ଖେଳନା ଉପରେ ଧ୍ୟାନ ଦେଉଛନ୍ତି

ଶିଳ୍ପକୁ ବିଶ୍ୱ ବଜାରରେ ପ୍ରବେଶ ନିମନ୍ତେ ଏହା ଏକ ପ୍ରକାର ପ୍ରସ୍ତୁତି କାର୍ଯ୍ୟକ୍ରମ ଥିଲା । ଭାରତର ପ୍ରଥମ କଣ୍ଢେଇ ମେଳା ଫେବୃଆରୀ ୨୭ ତାରିଖ ଠାରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ଏବଂ ଏହି ମେଳାରେ ୧,୨୦୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିଥିଲେ । ପ୍ରଥମରୁ ଏହି କଣ୍ଢେଇ ମେଳାକୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ରଖାଯାଇଥିଲା। କିନ୍ତୁ ଲୋକମାନଙ୍କ ଦାବି କ୍ରମେ ଏହାକୁ ଆଉ ଦୁଇ ଦିନ ବଢ଼ାଇ ଦିଆଯାଇଥିଲା । ୨୦୨୧ ମସିହାରେ ସରକାର ଏକ 'ଟଏକାଥନ'ର ମଧ୍ୟ ଆୟୋଜନ କରିଛନ୍ତି ।

ଏହା ଜାନୁଆରୀ ୫ ତାରିଖ ଠାରୁ ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏହି ଟଏକାଥନ୍ ଆୟୋଜନର ଉଦ୍ଦେଶ୍ୟ ଥିଲା ଭାରତୀୟ ମୂଲ୍ୟବୋଧ ଉପରେ ଆଧାରିତ ଅଭିନବ ଖେଳଣା କଣ୍ଢେଇମାନ ପ୍ରସ୍ତୁତ କରିବା ନିମନ୍ତେ ଚିନ୍ତା କରିବା ଯାହାକି ଶିଶୁମାନଙ୍କ ମନରେ ସକାରାତ୍ମକ ଆଚରଣ ତଥା ଉତ୍ତମ ମୂଲ୍ୟବୋଧର ଭାବନା ସୃଷ୍ଟି କରିବ। ଏହି ଟଏକାଥନ ନିମନ୍ତେ ୧୨ ଲକ୍ଷରୁ ଅଧିକ ଯୁବକ, ଶିକ୍ଷକ ଓ ବିଶେଷଜ୍ଞ ସେମାନଙ୍କର ନାମ ପଂଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭,୦୦୦ରୁ ଊର୍ଦ୍ଧ୍ୱ ନୂତନ ଅଭିନବ ଚିନ୍ତାଧାରା ଉପରେ ଆଲୋଚନା କରାଯାଇଥିଲା ।

ଆତ୍ମନିର୍ଭର ହେବା ନିମନ୍ତେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସ୍ୱରୂପ, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ବୟନଶିଳ୍ପ ମନ୍ତ୍ରଣାଳୟ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ, ଅଣୁ- କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ ପକ୍ଷରୁ ମିଳିତ ଭାବେ ଏହି ଟଏକାଥନ୍- ୨୦୨୧ରେ ଆୟୋଜନ କରାଯାଇଥିଲା ।

ଏହା ଏକ ବିଶେଷ ଧରଣର ହାକାଥନ୍ ଯେଉଁଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକଗଣ, ଡିଜାଇନ୍ ବିଶେଷଜ୍ଞଗଣ, କଣ୍ଢେଇ ବିଶେଷଜ୍ଞ ଏବଂ ଷ୍ଟାର୍ଟ ଅପ୍‌ମାନେ ଗୋଟିଏ ମଞ୍ଚରେ ଏକଜୁଟ ହୋଇ କଣ୍ଢେଇ ଓ ଖେଳ ପ୍ରସ୍ତୁତ ନିମନ୍ତେ କ୍ରାଉଡ଼ସୋର୍ସରୁ ବିଭିନ୍ନ ପ୍ରକାର ଚିନ୍ତାଧାରାମାନ ସଂଗ୍ରହ

> **କଣ୍ଢେଇଟିଏ ଶିଶୁମାନଙ୍କୁ ଆନନ୍ଦର ଅସୀମ ଦୁନିଆକୁ ନେଇ ଯାଇଥାଏ... ଏହା ହିଁ ହେଉଛି ଭାରତୀୟ କଣ୍ଢେଇର ଖେଳ ଏବଂ ସେହିସବୁ କଣ୍ଢେଇ ଭିତରେ ଜ୍ଞାନ, ବିଜ୍ଞାନ, ମନୋରଂଜନ ଓ ମନସ୍ତତ୍ତ୍ୱ ନିହିତ ଥାଏ ।**
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**



କରିଥିଲେ । ଏହି ସବୁ କଣ୍ଢେଇଗୁଡ଼ିକୁ କିଭଳି ଭାବେ ଭାରତୀୟ ମୂଲ୍ୟବୋଧ ବ୍ୟବସ୍ଥା, ସଂସ୍କୃତି, ଭାବନା ଓ ସ୍ଥାନୀୟ ଲୋକକଥା ତଥା ବୀରମାନଙ୍କ ସହିତ ଯୋଡ଼ାଯାଇ ପାରିବ ସେ ଦିଗରେ ମାନସ ମନ୍ଥନ କରାଯାଇଥିଲା ।

ଏଭଳି ମେଳା ପ୍ରଥମ ଥର ପାଇଁ ଏଭଳି ଅଭିନବ ଢ଼ଙ୍ଗରେ ଆୟୋଜିତ ହୋଇଥିଲା । ଏହା ପଛରେ ଥିବା ଚିନ୍ତାଧାରାଟି ହେଲା କିଭଳି ଭାବେ ସମସ୍ତ ଆୟୁସୀମାର ପିଲାମାନଙ୍କ ନିମନ୍ତେ ପାଠପଢ଼ାକୁ ଅଧିକ ଆନନ୍ଦମୟ କରାଯାଇପାରିବ ଏବଂ ସେଥିରେ କଣ୍ଢେଇ ଉପଯୋଗର କିଭଳି ସାମର୍ଥ୍ୟ ରହିଛି ତାହା ସ୍ଥିର କରିବା। ଏହି ମେଳାରେ ଆନନ୍ଦଉଲ୍ଲାସ, ବିଜ୍ଞାନ, ଆଧୁନିକ ଓ ସ୍ଥାନୀୟ ଶୈକ୍ଷିକ କଣ୍ଢେଇ ସହିତ ବୈଦ୍ୟୁତିକ ଖେଳନା ମଧ୍ୟ ସାମିଲ ହୋଇଥିଲା । ଏହି କଣ୍ଢେଇଗୁଡ଼ିକ ଯେଭଳି କେବଳ ବିଭିନ୍ନତାକୁ ପ୍ରଦର୍ଶିତ ନକରେ ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସେସବୁକୁ ବୈଶ୍ୱିକ ସ୍ତରରେ ଅଧିକ ପ୍ରତିଯୋଗୀ ଉତ୍ପାଦରେ ପରିଣତ କରିବା ଉପରେ ମାନସ ମନ୍ଥନ କରାଯାଇଥିଲା । ବିଶେଷଜ୍ଞମାନେ ମତ ପୋଷଣ କରିଥିଲେ ଯେ କଣ୍ଢେଇମାନଙ୍କ ସଫଳ ଉପଯୋଗ ଦ୍ୱାରା ଶିକ୍ଷାକୁ ଅଧିକ ଉପଭୋଗ୍ୟ ଓ ଆନନ୍ଦମୟ କରାଯାଇପାରିବ। ଏହି ଉଦ୍ଦେଶ୍ୟରେ ସେମାନଙ୍କ ସହ ନାନା ପ୍ରକାର ବିଚାର ବିମର୍ଷ କରାଯାଇଥିଲା । ଖେଳ ମାଧ୍ୟମରେ ଶିକ୍ଷାକୁ ଉପଭୋଗ୍ୟ କରିବା ଉଦ୍ଦେଶ୍ୟରେ ଏକାଧିକ ଅଧିବେଶନର ଆୟୋଜନ କରାଯାଇଥିଲା। ସେହିସବୁ ଅଧିବେଶନରେ ନିବେଶକ, ଆମଦାନୀକାରୀ, ସ୍ଥାନୀୟ ଶିଳ୍ପପତି ଏବଂ ଏମଏସଏମଇମାନଙ୍କୁ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ କମ୍ପାନୀ ଅଂଶ ଗ୍ରହଣ କରିଥିଲେ । ସେମାନେ କଣ୍ଢେଇ ନିର୍ମାଣ କ୍ଷେତ୍ରରେ ଭାରତର ପ୍ରାଚୀନ କୌଶଳ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ସମଗ୍ର ବିଶ୍ୱକୁ ପ୍ରଦର୍ଶନ କରିଥିଲେ ।

କଣ୍ଢେଇ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା

ସୁନ୍ଦର ସୁନ୍ଦର କଣ୍ଢେଇସବୁ ଶିଶୁମାନଙ୍କ ଆଶା ଆକାଂକ୍ଷାରେ ସତେ ଯେମିତି ପକ୍ଷ ଯୋଡ଼ି ଦେଇଥାଏ । ମନୋରଂଜନ ସହିତ କଣ୍ଢେଇଗୁଡ଼ିକ ଶିଶୁମାନଙ୍କ ମାନସିକତା ଓ ଚିନ୍ତାଧାରାକୁ ମଧ୍ୟ ଉତ୍ତମ ରୂପେ ଗଢ଼ିବାରେ ସହାୟକ ହୋଇଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଭାଷଣରେ କଣ୍ଢେଇର ଗୁରୁତ୍ୱ ସଂପର୍କରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଉକ୍ତିକୁ ଉଦ୍ଧାର କରିଥିଲେ। ସେ କହିଥିଲେ ,ଗୁରୁଦେବଙ୍କ ମତରେ କଣ୍ଢେଇଟିଏ ଅସଂପୂର୍ଣ୍ଣ ରହିଥାଏ । ଯେତେବେଳେ ଗୋଟିଏ ଶିଶୁ ତାକୁ ଧରି ଖେଳେ ସେତେବେଳେ ହିଁ ତାହା ସଂପୂର୍ଣ୍ଣ ହୋଇଥାଏ । ଗୁରୁଦେବ ଆହୁରି କହିଥିଲେ, ତାଙ୍କ ନିଜ ଶୈଶବାବସ୍ଥାରେ ସେ ତାଙ୍କର ନିଜର କଣ୍ଢେଇ ନିଜେ ପ୍ରସ୍ତୁତ କରୁଥିଲେ ଓ ସେଥିରେ କଳ୍ପନା

ଏବେ ଡିଜିଟାଲ ଗେମ୍ସ କ୍ଷେତ୍ରରେ ଆତ୍ମନିର୍ଭରତା ଉପରେ ଗୁରୁତ୍ୱାରୋପ

ସ୍ମରଣଯୋଗ୍ୟ ଯେ "ପରୀକ୍ଷାପେ ଚର୍ଚ୍ଚା" କାର୍ଯ୍ୟକ୍ରମ ସମୟରେ ଜଣେ ମାଆ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ପୁଅ ଡିଜିଟାଲ ଗେମ୍‌ପ୍ରତି ଅଧିକ ମାତ୍ରାରେ ଆକର୍ଷିତ ହୋଇପଡୁଛି ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କୁ ପଚାରିଥିଲେ ସେହି ଡିଜିଟାଲ ଗେମ୍ 'ପବ୍‌ଜୀ' କି? ପ୍ରଧାନମନ୍ତ୍ରୀ କହିଥିଲେ, "ଏହା ଏକାଧାରରେ ଏକ ସମସ୍ୟା ଓ ସମାଧାନ ସୂତ୍ର ମଧ୍ୟ । ଆମେ ପ୍ରଯୁକ୍ତି ଠାରୁ ଆମ ପିଲାମାନଙ୍କୁ ଦୂରେଇ ରଖିପାରିବା ନାହିଁ । ତେଣୁ ଆମ ପିଲାମାନଙ୍କୁ ପ୍ଲେ- ଷ୍ଟେସନରୁ ପ୍ଲେ- ଗ୍ରାଉଣ୍ଡ (ଖେଳ ପଡ଼ିଆ) କୁ ଛାଡ଼ିବାକୁ ପଡ଼ିବ ।"

ପିଲାମାନେ ଡିଜିଟାଲ ଗେମ ପ୍ରତି ଅଧିକ ମାତ୍ରାରେ ଆକର୍ଷିତ ଓ ଏହାର ଆଡିକ୍ଟ ହୋଇପଡ଼ିବା ଏବଂ ସେଥିରୁ ମୁକ୍ତି ପାଇବାର ଏହା ହେଉଛି ଶ୍ରେଷ୍ଠ ଉଦାହରଣ । ଡିଜିଟାଲ ଗେମ୍ ବଜାର ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ, ଚିନ୍ତାର କଥାଟି ହେଲା, ୯୮ରୁ ୯୯ ପ୍ରତିଶତ ଡିଜିଟାଲ ଓ ଭର୍ଚୁଆଲ ରିଅଲିଟି ଗେମ୍ସ ଅନ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ । ତେଣୁ, ଭାରତକୁ ଡିଜିଟାଲ ଗେମ୍ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ସରକାର ଏବେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି ଏବଂ ଏହା ଦ୍ୱାରା ଭାରତୀୟ କଣ୍ଟେଇ ଶିଳ୍ପ ବିଶ୍ୱ ସ୍ତରରେ ତାର ଉପସ୍ଥିତି ଜାହିର କରିବ । ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରୟାସ ପରେ ୨୦୨୦ ମସିହା ଫେବୃଆରୀ ମାସରେ ଏଥିପାଇଁ ଏକ କମିଟି ଗଠନ କରାଯାଇଛି । ଏହି ବିଶେଷଜ୍ଞ କମିଟିର ଅଂଶ ବିଶେଷ ସ୍ୱରୂପ ଡକ୍ଟର ପରାଗ ମାଙ୍କିକର, ଡକ୍ଟର ଉନ୍ନତ ଶର୍ମା, ପଙ୍କଜ ସପକାଲ, ଡକ୍ଟର ଆରତୀ ପ୍ରକାଶ ଏବଂ ଅଭୀ ଦାସଙ୍କୁ ଏଥିରେ ସାମିଲ କରାଯାଇଛି ।

କମିଟିର ଅନ୍ୟତମ ସଦସ୍ୟ ଡକ୍ଟର ପରାଗଙ୍କ ମତରେ, " ଏହି ନୂତନ ଡିଜିଟାଲ ଗେମ୍ ପିଲାମାନଙ୍କୁ ଭାରତୀୟ ଇତିହାସ ଓ ସଂସ୍କୃତି ସଂପର୍କରେ ଶିକ୍ଷାଲାଭ କରିବା ଦିଗରେ ସହାୟକ ହୋଇପାରିବ । ତେଣୁ ଆମେ 'କ୍ୟାଣ୍ଡି କ୍ରଶ୍ ସାଗା' ଭଳି ଗେମ ବଦଳରେ ଆମର ବୈଶ୍ୱିକ ଉପସ୍ଥିତି ଜାହିର କରିପାରିବୁ ।"

ସେହିଭଳି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରି ଡକ୍ଟର ଉନ୍ନତ ପଣ୍ଡିତ କହିଛନ୍ତି ଯେ ଏହି କ୍ଷେତ୍ରରେ ଯଥା ଶୀଘ୍ର ଆମକୁ କାର୍ଯ୍ୟ କରିବାର ଅଛି । ସେ ଆହୁରି କହିଛନ୍ତି ଯେ, " ଅଭିନବତ୍ୱର ସହାୟତା ନେଇ ବିଭିନ୍ନ କ୍ଷେତ୍ରରେ ଆମେ ଆତ୍ମନିର୍ଭର ହେବାକୁ ଯେଉଁ କଥା କହିଆସୁଛୁ ଡିଜିଟାଲ ଗେମ କ୍ଷେତ୍ରରେ ମଧ୍ୟ ଆମକୁ ଅନୁରୂପ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ।" ■

ଏହା ଆବଶ୍ୟକ କାହିଁକି ?

ଭାରତର ଡିଜିଟାଲ ଗେମ୍ସ ବଜାରର ସ୍ଥିତି ଉପରେ ଦୃଷ୍ଟିପାତ

ମୋଟ ବ୍ୟବହାରକାରୀ	ଆୟ
26.36 କୋଟି	**81.78** କୋଟି

ତିନୋଟି ସମ୍ଭାବନା ଉପରେ ସରକାରଙ୍କ ଗୁରୁତ୍ୱ...

- **ପୌରାଣିକ ଆଖ୍ୟାନ ଉପରେ ଆଧାରିତ ଗେମ୍ସ:** ସାରା ବିଶ୍ୱରେ ଖେଳାଯାଉଥିବା ଡିଜିଟାଲ ଗେମ୍ସରେ ସାଧାରଣତଃ ହିଂସାତ୍ମକ ଘଟଣାକୁ ହିଁ ବିଷୟବସ୍ତୁ ଭାବେ ଦର୍ଶାଯାଇଥାଏ। ସେହିସବୁ ଗେମ୍ସରୁ କିଛି ଶିକ୍ଷାଲାଭ କରିବା ପରିବର୍ତ୍ତେ କୋମଳମତି ଶିଶୁମାନେ ସେଥିପ୍ରତି ଏକ ପ୍ରକାର ନିଶାଶକ୍ତ ଭଳି ଅଧିକ ଆକୃଷ୍ଟ ହୋଇପଡିଥାନ୍ତି । ପଞ୍ଚତନ୍ତ୍ର ସମେତ ଭାରତରେ ପୌରାଣିକ ଗଳ୍ପର ଏକ ମହାନ ପ୍ରାଚୀନ ପରମ୍ପରା ରହିଛି । ଯଦି ସେହିସବୁ କଥାବସ୍ତୁ ଆଧାରରେ ଡିଜିଟାଲ ଗେମମାନ ପ୍ରସ୍ତୁତ କରାଯାଏ ତେବେ ଶିଶୁମାନେ ସେଥିରୁ ଅନେକ ନୂଆ ନୂଆ କଥା ଶିକ୍ଷାଲାଭ କରିପାରିବେ ।
- **ନୀତି ଶିକ୍ଷା ଆଧାରିତ ଗେମ୍ସ:** ଭାରତ ଭଳି ଏକ ଦେଶର ସୁଦୀର୍ଘ ସାଂସ୍କୃତିକ ଓ ସଭ୍ୟତାଗତ ପରମ୍ପରା ରହିଛି । ତେଣୁ ସେହିଭଳି ପରମ୍ପରା ଆଧାରରେ ଡିଜିଟାଲ ଗେମମାନ ପ୍ରସ୍ତୁତ କରିବା ଦ୍ୱାରା ଆମେ ଆମର ଶିଶୁମାନଙ୍କୁ ଆଦର୍ଶ ଓ ମୂଲ୍ୟବୋଧର ଶିକ୍ଷା ଦେଇପାରିବା । ୟୁରୋପ ଓ ଆମେରିକା ଏ ଦିଗରେ କାର୍ଯ୍ୟ ଆରମ୍ଭ କରିସାରିଲେଣି । ସେଠାରେ ୫୦୦ରୁ ଅଧିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବାସ୍ତବ ଜୀବନର ଖେଳ ସଂପର୍କରେ ଆସାଇନମେଣ୍ଟମାନ ପ୍ରଦାନ କରାଯାଇଛି । ଏହା ଦ୍ୱାରା ସେହିସବୁ ପିଲାମାନେ କିଛି ନୂଆ ଓ ଭଲ କଥା ଶିକ୍ଷାଲାଭ କରିପାରୁଛନ୍ତି ।
- **ଭର୍ଚୁଆଲ ରିଅଲିଟି ଗେମ୍:** ଭର୍ଚୁଆଲ ରିଅଲିଟି ଗେମ୍ସମାନଙ୍କରେ ଯଦି ବିବେକାନନ୍ଦ, ବୀର ସଭରକର ଓ ଶିବାଜୀଙ୍କୁ ଚରିତ୍ର ଭାବେ ଗ୍ରହଣ କରାଯାଏ ତେବେ ସେହିସବୁ ଭର୍ଚୁଆଲ ରିଅଲିଟି ଗେମଗୁଡ଼ିକ ଅଧିକ ଆକର୍ଷଣୀୟ ହେବ ଓ ପିଲାମାନେ ସେହିସବୁ ଚରିତ୍ରମାନଙ୍କ ବୀରତ୍ୱ ଓ ସାହସିକତାର କଥାମାନ ଶିକ୍ଷାଲାଭ କରିପାରିବେ । ସେମାନଙ୍କ ବିଷୟରେ ଅଧିକ କଥା ଜାଣିବା ସହ ସେମାନଙ୍କ ଆଦର୍ଶ ମଧ୍ୟ ପିଲାମାନଙ୍କ ଉପରେ ପ୍ରଭାବ ପକାଇବ ।

ଏହା କିଭଳି ଭାବେ ଆରମ୍ଭ କରାଯିବ ?

- ଏଭଳି ସଫ୍ଟୱେର ସହିତ ସଂଶ୍ଲିଷ୍ଟ ଲୋକମାନଙ୍କ କଳାକୌଶଳକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ଏବଂ ଭାରତର ଡିଜିଟାଲ ଗେମ୍ସ ଶିଳ୍ପ ପ୍ରଗତି ହାସଲ କରିପାରିବ ।
- ଡିଜିଟାଲ ଏବଂ ଭର୍ଚୁଆଲ ରିଅଲିଟି ଗେମ୍ସ କ୍ଷେତ୍ରରେ ଷ୍ଟାର୍ଟ ଅପମାନଙ୍କୁ ପ୍ରୋତ୍ସାହନ ଯୋଗାଣ ଏବଂ ଏଥି ସହିତ ସେମାନଙ୍କର ପ୍ରାରମ୍ଭିକ ଇନକୁବେସନ୍ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ସହାୟତା ପ୍ରଦାନ
- ଡିଜିଟାଲ ଗେମ୍, ଭିଜୁଆଲ ଇଫେକ୍ଟ, ଆନିମେସନ୍ ଓ କମିକ୍ସ ପାଇଁ ଆଇଆଇଟି ବମ୍ବେର ସହାୟତାରେ ଏକ ରାଷ୍ଟ୍ରୀୟ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି ।
- ଡିଜିଟାଲ ଗେମିଂ ଶିଳ୍ପ ନିମନ୍ତେ ଅଧିକ ଭିତ୍ତିଭୂମି ସୃଷ୍ଟି କରାଯାଉଛି ।

ସାତ ଦଶନ୍ଧି ଧରି ଅବହେଳିତ: ଏବେ ଭାରତର କଣ୍ଢେଇ ଶିଳ୍ପକୁ ସ୍ୱାବଲମ୍ବୀ କରିବାର ଅବସର ଆସିଛି

୨୦୨୧ ମସିହା ଫେବୃଆରୀ ୨୭ ତାରିଖ ଦିନ ଭାରତର ପ୍ରଥମ କଣ୍ଢେଇ ମେଳାକୁ ଉଦ୍ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସଂସ୍କୃତି ଓ ସମାଜ ସଂପର୍କରେ ସଚେତନ କରାଯିବା ନିମନ୍ତେ କଣ୍ଢେଇ ଶିଳ୍ପର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ କଣ୍ଢେଇ ଶିଳ୍ପକୁ ସ୍ୱାବଲମ୍ବୀ ହେବା ନିମନ୍ତେ ଏହି ଅବସରରେ ସେ ଆହ୍ୱାନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଯାହା କହିଥିଲେ ସେସବୁର ମୁଖ୍ୟାଂଶ ନିମ୍ନରେ ପ୍ରଦାନ କରାଗଲା:

- ଦେଶର ପ୍ରଥମ କଣ୍ଢେଇ ମେଳା କେବଳ ବ୍ୟବସାୟ କିମ୍ବା କୌଣସି ଆର୍ଥିକ କାରବାରର ଅବସର ନୁହେଁ । ଏହି କାର୍ଯ୍ୟକ୍ରମ ଦେଶର ପ୍ରାଚୀନ କ୍ରୀଡ଼ା ଓ ହର୍ଷୋଲ୍ଲାସର ସଂସ୍କୃତିକୁ ସୁଦୃଢ଼ କରିବା ନିମନ୍ତେ ଏକ ସଂଯୋଗର ସୂତ୍ର ।
- କଣ୍ଢେଇ ସହିତ ଭାରତର ସୃଜନାତ୍ମକ ସଂପର୍କର ଇତିହାସ ଏହି ଭୂଖଣ୍ଡର ଇତିହାସ ଭଳି ପ୍ରାଚୀନ । ସିନ୍ଧୁ ନଦୀ ସଭ୍ୟତା, ମହେଞ୍ଜୋଦାରୋ ଏବଂ ହରପ୍ପା ଆଦି ସ୍ଥାନରୁ ମିଳିଥିବା ମାଟି କଣ୍ଢେଇମାନଙ୍କ ଉପରେ ସାରା ବିଶ୍ୱ ଗବେଷଣା କରିଛି । ପ୍ରାଚୀନ କାଳରେ, ଯେତେବେଳେ ସାରା ବିଶ୍ୱର ପର୍ଯ୍ୟଟକମାନେ ଭାରତ ଭ୍ରମଣରେ ଆସିଥିଲେ, ସେମାନେ ନିଜ ସାଙ୍ଗରେ ଆମର ଏହି କ୍ରୀଡ଼ାକୁ ନେଇଯାଇଥିଲେ । ଚେସ୍ ଖେଳ ଯାହା ଆଜି ବେଶ୍ ଲୋକପ୍ରିୟତା ଅର୍ଜନ କରିଛି, ପୂର୍ବରୁ ତାହା ଭାରତରେ "ଚତୁରଙ୍ଗ ଅଥବା ଚଦୁରଙ୍ଗ" ଭାବେ ଖେଳାଯାଉଥିଲା ।
- ମୁଁ ଦେଶର କଣ୍ଢେଇ ନିର୍ମାତାମାନଙ୍କୁ ଆହ୍ୱାନ ଜଣାଉଛି ଯେ ସେମାନେ ଏଭଳି କଣ୍ଢେଇ ପ୍ରସ୍ତୁତ କରନ୍ତୁ ଯାହା ପରିବେଶ ଅନୁକୂଳ ତଥା ଲୋକଙ୍କ ମନକୁ ଜିଣୁଥିବ । ଲୋକମାନେ ପ୍ଲାଷ୍ଟିକ୍ କଣ୍ଢେଇ କମ୍ ବ୍ୟବହାର କରନ୍ତୁ । ସେମାନେ ଏଭଳି ସାମଗ୍ରୀ ବ୍ୟବହାର କରନ୍ତୁ ଯାହାକୁ ପୁନଃଚକ୍ରଣ କରାଯାଇପାରିବ ।
- ନୂତନ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ବ୍ୟାପକ ଭାବେ କ୍ରୀଡ଼ା ଭିତ୍ତିକ ଏଫଂ କାର୍ଯ୍ୟକ୍ରମ ଆଧାରିତ୍ର ଶିକ୍ଷାର ପ୍ରାବଧାନ କରାଯାଇଛି । ଏହା ଏଭଳି ଏକ ଶିକ୍ଷା ବ୍ୟବସ୍ଥା ଯେଉଁଥିରେ ପିଲାମାନଙ୍କମନରେ ଲଜିକାଲ ତଥା ସୃଜନଶୀଳ ଚିନ୍ତାଧାରା ସୃଷ୍ଟି ଓ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି ।
- କଣ୍ଢେଇ ଶିଳ୍ପ କ୍ଷେତ୍ରରେ, ଭାର୍‌ତର ଏକ ମହାନ ପରମ୍ପରା ତଥା ପ୍ରଯୁକ୍ତି ଅଭିଜ୍ଞତା ରହିଛି । ଏଥିପାଇଁ ଭାରତ ନିକଟରେ ନୂତନ ଚିନ୍ତାଧାରା ଓ ସାମର୍ଥ୍ୟ ଭରପୂର ରହିଛି । ଆମେ ସାରା ବିଶ୍ୱକୁ ପୁଣି ଥରେ ପରିବେଶ ଅନୁକୂଳ ଖେଳଣା କଣ୍ଢେଇ ଆଡ଼କୁ ନେଇପାରିବା ।
- ଦୀର୍ଘ ସାତ ଦଶନ୍ଧି ଧରି ଭାରତର କଣ୍ଢେଇ ଐତିହ୍ୟ ଓ ଶିଳ୍ପୀମାନେ ଅବହେଳିତ ଅବସ୍ଥାରେ ରହି ଆସିଥିଲେ । ଏଭଳି ହତାଦର ମନୋଭାବ ଯୋଗୁ ଭାରତୀୟ ବଜାରକୁ ବିଦେଶୀ କଣ୍ଢେଇର ସୁଅ ଛୁଟିବାରେ ଲାଗିଥିଲା ଏବଂ ସେସବୁ ଆସି ଆମମାନଙ୍କ ଘରେ ସୁଦ୍ଧା ପହଞ୍ଚିଥିଲା ।
- ଭାରତୀୟ ଶିଶୁମାନେ ସେମାନଙ୍କର ବିଦେଶୀ କଣ୍ଢେଇ ନିର୍ମାତାମାନଙ୍କ ଦ୍ୱାରା ପ୍ରସ୍ତୁତ କଣ୍ଢେଇ ତୁଳନାରେ ଦେଶର ବୀର ଯୋଦ୍ଧା, ଯେଉଁମାନେ ଦେଶପାଇଁ ଲଢ଼ିଛନ୍ତି, ସେମାନଙ୍କୁ ଉତ୍ତମ ରୂପେ ଚିହ୍ନିଛନ୍ତି । ବିଦେଶୀ କଣ୍ଢେଇସବୁ ଆମ ସ୍ଥାନୀୟ ବିପଣନ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିପକାଇଛି ।

- ଆମ କଣ୍ଢେଇଗୁଡ଼ିକରେ ଆମ ପିଲାମାନଙ୍କ ସକାଶେ ଆମର ମୂଲ୍ୟବୋଧ ଓ ଶିକ୍ଷା ଭରପୂର ରହିଥିବା ଆବଶ୍ୟକ । ପୁଣି ସେଗୁଡ଼ିକର ଗୁଣାତ୍ମକ ମାନ ମଧ୍ୟ ଅନ୍ତରାଷ୍ଟ୍ରୀୟ ସ୍ତରର ହୋଇଥିବା ଉଚିତ । ଏହି ଦିଗରେ ରାଷ୍ଟ୍ର ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି । ଗତ ବର୍ଷ ଠାରୁ କଣ୍ଢେଇଗୁଡ଼ିକର ଗୁଣାତ୍ମକ ମାନ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ପ୍ରତି ବ୍ୟାଚ୍‌ର କଣ୍ଢେଇ ଯାହାକି ବିଦେଶରୁ ଆମଦାନୀ କରାଯାଉଛି ସେଗୁଡ଼ିକର ନମୁନା ପରୀକ୍ଷଣ କରାଯିବା ପରେ ହିଁ ସେସବୁକୁ ଦେଶକୁ ଅଣାଯାଉଛି ।
- ଭାରତ ଏବେ ୨୪ଟି ପ୍ରମୁଖ ଶିଳ୍ପ କ୍ଷେତ୍ର ମଧ୍ୟରେ କଣ୍ଢେଇ ଶିଳ୍ପକୁ ଅନ୍ୟତମ ଭାବେ ବିବେଚନା କରିଛି । ଏଥିପାଇଁ ଜାତୀୟ କଣ୍ଢେଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିରେ କେନ୍ଦ୍ର ସରକାରଙ୍କ ୧୫ଟି ମନ୍ତ୍ରଣାଳୟ ଓ ବିଭାଗକୁ ସାମିଲ କରାଯାଇଛି ଯଦ୍ୱାରା ଭାରତରେ ନିର୍ମିତ କଣ୍ଢେଇଗୁଡ଼ିକୁ ଅଧିକ ପ୍ରତିଦ୍ୱନ୍ଦ୍ୱୀ ଓ ସ୍ୱାବଲମ୍ବୀ କରାଯାଇପାରିବ । ଏହା ଫଳରେ ଭାରତୀୟ କଣ୍ଢେଇ ସାରା ବିଶ୍ୱରେ ପହଞ୍ଚିପାରିବ ।

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ପାଇଁ କ୍ୟୁଆର କୋଡ ସ୍କାନ କରନ୍ତୁ।

ଭରିରହିଥିଲା । ଯାହା କିଛି ଉପକରଣ ହାତ ପାଆନ୍ତାରେ ଉପଲବ୍ଧ ଥିଲା ସେସବୁକୁ ନେଇ ସେ ତାଙ୍କର କଣ୍ଢେଇ ପ୍ରସ୍ତୁତ କରୁଥିଲେ । କିନ୍ତୁ ଥରେ ତାଙ୍କର ଜଣେ ବନ୍ଧୁ ଗୋଟିଏ ବଡ଼ ଓ ସୁନ୍ଦର ବିଦେଶୀ କଣ୍ଢେଇଟିଏ ଆଣିଲେ । ସେତେବେଳେ ତାଙ୍କର ସମସ୍ତ ଧ୍ୟାନ କେବଳ କଣ୍ଢେଇଟିର ସୌନ୍ଦର୍ଯ୍ୟ ଉପରେ ହିଁ ନିବଦ୍ଧ ରହିଲା ଓ ସେ ଖେଳ କଥା ଭୁଲିଗଲେ । ଗୁରୁଦେବଙ୍କ ଏହି ଚିନ୍ତାଧାରାରୁ ହିଁ ଭାରତୀୟ କଣ୍ଢେଇ ଶିଳ୍ପର ପୁନର୍ବିକାଶ ଚିନ୍ତାଧାରା ଜନ୍ମ ନେଇଥିଲା ବୋଲି ପ୍ରଧାନମନ୍ତ୍ରୀ ସୂଚାଇଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ କଣ୍ଢେଇଗୁଡ଼ିକ ଏଭଳି ହେବା ଆବଶ୍ୟକ ସେମାନଙ୍କର ଉପସ୍ଥିତିରେ ଶୈଶବର ବିକାଶ ଘଟିପାରିବ ଏବଂ ସେମାନଙ୍କ ମୁହଁରେ ସଦାସର୍ବଦା ହସ ଫୁଟୁଥିବ । ତେଣୁ କଣ୍ଢେଇଗୁଡ଼ିକ ପରିବେଶ ଅନୁକୂଳ ହେବା ବାଂଛନୀୟ ।

ନୂତନ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଶିଶୁମାନଙ୍କ ଜୀବନର ବିଭିନ୍ନ କ୍ଷେତ୍ରରେ କଣ୍ଢେଇଗୁଡ଼ିକର ପ୍ରଭାବ ଉପରେ ପର୍ଯ୍ୟାପ୍ତ ଧ୍ୟାନ ଦିଆଯାଇଛି । ତଦ୍ୱାରା ସେମାନେ ଖେଳରେ ଖେଳରେ ହିଁ ଅନେକ କଥା ଶିକ୍ଷାଲାଭ କରିପାରିବେ, କଣ୍ଢେଇ ପ୍ରସ୍ତୁତ କରି ଅନେକ କଥା ଶିଖିପାରିବେ, କଣ୍ଢେଇ କାରଖାନାକୁ ବୁଲି ଯାଇ ନାନା କଥା ନିରୀକ୍ଷଣ କରିପାରିବେ । ଏହି ସମସ୍ତ କଥାକୁ ସେମାନଙ୍କ ପାଠ୍ୟକ୍ରମର ଅଂଶବିଶେଷ ଭାବେ ସାମିଲ କରାଯାଇଛି । ଏହାର

ପଚିଶୀ

ଭାରତର ପାରମ୍ପରିକ କ୍ରୀଡ଼ାର ଏକ ଉନ୍ନତ ଐତିହ୍ୟ ରହିଛି । ଏଠାରେ ଖେଳାଯାଉଥିବା ଖେଳ କେବଳ ମନୋରଞ୍ଜନ ନିମନ୍ତେ ନୁହେଁ, ଅପରନ୍ତୁ ମାନସିକ ସାମର୍ଥ୍ୟ ଓ ସ୍ୱାସ୍ଥ୍ୟ ଲାଗି ମଧ୍ୟ ଖେଳାଯାଇଥାଏ । ମାନସିକ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ଖେଳାଯାଉଥିବା ଏକ ଖେଳ ହେଲା "ପଚିଶୀ" । ତାମିଲନାଡୁରେ ଏହି ଖେଳ "ପାଲାଙ୍ଗୁଲି" ନାମରେ ଖେଳାଯାଇଥାଏ ଓ କର୍ଣ୍ଣାଟକରେ ଏହି ଖେଳକୁ "ଅଲି ଗୁଲି ମନେ" ନାମରେ ଲୋକମାନେ ଖେଳିଥାନ୍ତି । ଆନ୍ଧ୍ର ପ୍ରଦେଶରେ ଏହାର ନାମ "ବାମନ ଗୁଣ୍ଟଲୁ" ।ଏହି ଖେଳ ପାଇଁ ଏକ ପ୍ରକାର ରଣନୀତି ଆପଣା ଯାଇଥାଏ । ଖେଳ ନିମନ୍ତେ ଏକ ବୋର୍ଡ଼ ବ୍ୟବହାର କରାଯାଏ ଯେଉଁଥିରେ କିଛି କଣା ରହିଥାଏ । ସେହିସବୁ କଣାରେ ଖେଳାଳୀମାନେ ଖେଳୁଥିବା ଗୁଲି କିମ୍ବା ମଞ୍ଜି ଦାନ ବେଳେ ପଶିଥାଏ । କୁହାଯାଏ ଯେ ଦକ୍ଷିଣ ଭାରତରୁ ଏହି ଖେଳ ଦକ୍ଷିଣ ପୂର୍ବ ଏସିଆ ପର୍ଯ୍ୟନ୍ତ ଲମ୍ବିଥିଲା ଏବଂ ସେଠାରୁ ସାରା ବିଶ୍ୱରେ ପ୍ରସାରିତ ହୋଇଥିଲା ।

ଆନ୍ଧ୍ର ପ୍ରଦେଶର ଏଟିକୋପ୍ପାକା କଣ୍ଢେଇ

ଆନ୍ଧ୍ର ପ୍ରଦେଶ ବିଶାଖାପଟନମ୍‌ର ଏଟିକୋପ୍ପାକା ଅଞ୍ଚଳରେ ଲାଖ ପ୍ରଲେପ ଦିଆ କାଠ କଣ୍ଢେଇ ବେଶ୍ ଲୋକପ୍ରିୟ । ଏହାର ଦୀର୍ଘ ୪୦୦ ବର୍ଷର ଏକ ସୁଦୀର୍ଘ ପରମ୍ପରା ରହିଛି । କଣ୍ଢେଇ ଗଢ଼ାର ଏହି ପାରମ୍ପରିକ କଳାକୁ ଏଠାରେ 'ଲକ୍କପିଡ଼ଥାଲୁ' ବୋଲି କୁହାଯାଇଥାଏ । ଏହି କାଠ କଣ୍ଢେଇଗୁଡ଼ିକ ଯେତିକି ସୌଖିନ ସେତିକି ମାତ୍ରାରେ ରାସାୟନିକ ମୁକ୍ତ । ପୁଣି ଏହା ସେତିକି ଦୀର୍ଘସ୍ଥାୟୀ । କେବଳ ଭାରତୀୟ ବଜାରରେ ନୁହେଁ ବିଦେଶୀ ବଜାରରେ ସୁଦ୍ଧା ଏହାର ବେଶ୍ ଚାହିଦା ରହିଛି । ଏଟିକୋପ୍ପାକା କଣ୍ଢେଇକୁ ୨୦୧୭ ମସିହାରେ ଜିଓଗ୍ରାଫିକାଲ୍ ଇଣ୍ଡିକେସନ୍ ରେଜିଷ୍ଟ୍ରୀ (ଜିଆଇଆର) ତରଫରୁ ଜିଆଇ ଟ୍ୟାଗ୍ ପ୍ରାପ୍ତ ହୋଇଛି ।

ମୂଳ ଲକ୍ଷ୍ୟ ହେଲା ଭାରତର କଣ୍ଢେଇ ପ୍ରସ୍ତୁତିର ଉନ୍ନତ ପରମ୍ପରା ସଂପର୍କରେ ଶିଶୁମାନଙ୍କୁ ଅବଗତ କରାଇବା ।

ପରମ୍ପରା ଓ ଆଧୁନିକତାର ଏକ ଅପୂର୍ବ ସମନ୍ୱୟ

ପ୍ରଯୁକ୍ତି ସହିତ ପରମ୍ପରାର ମିଶ୍ରଣ ଘଟାଇ ଭାରତ ତା'ର ଲୋକପରମ୍ପରାକୁ ଯୁବ ପିଢ଼ିଙ୍କ ନିକଟରେ ଆନିମେସନ ମାଧ୍ୟମରେ ପହଞ୍ଚାଇବା ନିମନ୍ତେ ପ୍ରୟାସ କରୁଛି । ଏହ କେବଳ ଅଧ୍ୟୟନକୁ ଆନନ୍ଦମୟ କରୁନାହିଁ ଅପରନ୍ତୁ ଭାରତର ଉନ୍ନତ ପରମ୍ପରା ଓ ସଂସ୍କୃତିକୁ କୋମଳମତି ପିଲାମାନେ ବୁଝିବା ସକାଶେ ମଧ୍ୟ ବେଶ୍ ସରଳ ହୋଇପାରୁଛି । ଭାରତୀୟ ବଜାର ଏବେ ବିଦେଶୀ ଖେଳନା କଣ୍ଢେଇରେ ଲହଡ଼ି ଭାଙ୍ଗୁଛି । ସେସବୁ ବିଦେଶୀ ଖେଳନା ହୁଏତ ଦେଖିବାକୁ ଆକର୍ଷଣୀୟ ହୋଇଥାଇପାରେ କିନ୍ତୁ ସେଥିରୁ କ୍ୱଚିତ୍ କିଛି ଶିକ୍ଷଣୀୟ ଲକ୍ଷ୍ୟ କରାଯାଇଥାଏ । ପ୍ରଧାନମନ୍ତ୍ରୀ କହନ୍ତି ଯେ ଭାରତରେ ପାରମ୍ପରିକ କ୍ରୀଡ଼ାର ଅତି ଉନ୍ନତ ଐତିହ୍ୟ ଭରପୂର ରହିଛି । "ଉଦାହରଣ ସ୍ୱରୂପ, ଆପଣମାନେ ହୁଏତ ଏକ ଖେଳ 'ପଚିଶୀ'ର ନାମ ଶୁଣିଥାଇପାରନ୍ତି । ଏହି ଖେଳ ତାମିଲନାଡୁରେ 'ପଲ୍ଲାଙ୍ଗୁଲି' ଭାବେ ଖେଳାଯାଇଥାଏ ଏବଂ ଏହି ଖେଳକୁ ଆମେ କର୍ଣ୍ଣାଟକରେ 'ଅଲି ଗୁଲି ମନେ' ନାମରେ ଖେଳାଯାଉଥିବାର ଲକ୍ଷ୍ୟ କରିପାରିବା । ସେମିତି ଆନ୍ଧ୍ର ପ୍ରଦେଶରେ ଏହି ଖେଳ ନାମରେ ପରିବର୍ତ୍ତନ ଘଟି 'ବାମନ ଗୁଣ୍ଟଲୁ' ଭାବେ ଖେଳାଯାଇ ଆସୁଛି। ଏହି ଖେଳ ପାଇଁ ଏକ ପ୍ରକାର ରଣନୀତି ଆପଣା ଯାଇଥାଏ । ଖେଳ ନିମନ୍ତେ ଏକ ବୋର୍ଡ଼ ବ୍ୟବହାର କରାଯାଏ ଯେଉଁଥିରେ କିଛି କଣା ରହିଥାଏ । ସେହିସବୁ କଣାରେ ଖେଳାଳୀମାନେ ଖେଳୁଥିବା ଗୁଲି କିମ୍ବା ମଞ୍ଜି ଦାନ ବେଳେ ପଶିଥାଏ । କୁହାଯାଏ ଯେ ଦକ୍ଷିଣ ଭାରତରୁ ଏହି ଖେଳ ଦକ୍ଷିଣ ପୂର୍ବ ଏସିଆ ପର୍ଯ୍ୟନ୍ତ ଲମ୍ବିଥିଲା ଏବଂ ସେଠାରୁ ସାରା ବିଶ୍ୱରେ ପ୍ରସାରିତ ହୋଇଥିଲା। ଆଜି ପ୍ରତି ପିଲା ସାପ ଶିଢ଼ି ଖେଳର ନାମ ସହିତ ସୁପରିଚିତ ଅଛନ୍ତି । କିନ୍ତୁ, ଆପଣମାନେ ଏକଥା ଜାଣନ୍ତି କି ଏହା ମଧ୍ୟ ଆଉ ଏକ ପ୍ରକାର ପାରମ୍ପରିକ ଭାରତୀୟ ଖେଳ ଯାହାକୁ 'ମୋକ୍ଷପତମ୍' କିମ୍ବା 'ପରମପଦମ୍' ବୋଲି କୁହାଯାଏ । ... ମୋର ଜେଜେବାପା ଜେଜେମା'ମାନଙ୍କୁ ତଥା ପରିବାରର ବୟସ୍କ ଲୋକମାନଙ୍କୁ ଅନୁରୋଧ ଯେ ଆପଣମାନେ ଯଦି ଏଭଳି ପରମ୍ପରାକୁ ଆପଣଙ୍କ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର ନକରନ୍ତି ତେବେ ଆଉ କିଏ ଦେବ? ଏବେ ଯେହେତୁ ଅନଲାଇନରେ ଶିକ୍ଷାଲାଭର ସୁଯୋଗ ଉପଲବ୍ଧ, ଏଥିରେ ସନ୍ତୁଳନ ରକ୍ଷା କରିବା ସକାଶେ ଏବଂ ଅନଲାଇନ ଗେମକୁ ପ୍ରତିହତ କରିବା ଲାଗି ଆମ ପିଲାମାନଙ୍କ ସକାଶେ ଆମେ ପାରମ୍ପରିକ ଖେଳର ପୁନଃବିକାଶ ଘଟାଇବା ଜରୁରି ହୋଇପଡ଼ିଛି। ଏଠାରେ ମଧ୍ୟ ଆମର ଷ୍ଟାର୍ଟ ଅପ୍‌ମାନଙ୍କ ଲାଗି ଏକ ନୂଆ ଓ ଅଭିନବ ସୁଯୋଗ ଆସିଛି । ଏପରିକି ଆମର ଯୁବ ପିଢ଼ି ପାଇଁ ସୁଦ୍ଧା ଏହା ଏକ ଅପୂର୍ବ ସୁଯୋଗ ବୋଲି କୁହାଯାଇପାରେ" ବୋଲି ପ୍ରଧାନମନ୍ତ୍ରୀ ୨୦୨୦ ମସିହା ଜୁନ ମାସରେ ତାଙ୍କର "ମନ୍ କୀ ବାତ୍" କାର୍ଯ୍ୟକ୍ରମ ଅବସରରେ ମତ ପୋଷଣ କରିଛନ୍ତି । ସରକାରଙ୍କ ପ୍ରୟାସ କ୍ରମେ, ଏହି ପ୍ରାଚୀନ କଣ୍ଢେଇ ଗଢ଼ା ପରମ୍ପରାକୁ ନୂତନ ପ୍ରଯୁକ୍ତି ସହିତ ଯୋଡ଼ା ଯାଉଛି ଏବଂ ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଏହାର ଆକାରକୁ ମଧ୍ୟ ଆବଶ୍ୟକସ୍ଥଳେ ବଦଳା

ପଶ୍ଚିମ ବଙ୍ଗର କିଶନନଗରର ମାଟି କଣ୍ଢେଇ

ପଶ୍ଚିମ ବଙ୍ଗର ନଦିଆ ଜିଲ୍ଲାର କିଶନନଗର ଏହାର ହାତ ତିଆରି ମାଟି କଣ୍ଢେଇ ନିମନ୍ତେ ବେଶ୍ ପ୍ରସିଦ୍ଧ । ଏହିସବୁ କଣ୍ଢେଇ ତା'ର ପ୍ରାଣବନ୍ତ ଓ ଆକର୍ଷଣୀୟ ସୌନ୍ଦର୍ଯ୍ୟ ନିମନ୍ତେ ଖୁବ୍ ଜଣାଶୁଣା । ସେସବୁ କଣ୍ଢେଇଗୁଡ଼ିକର ଡିଜାଇନ୍ ଏତେ ସୁନ୍ଦର ଯେ ସମସ୍ତଙ୍କୁ ତାହା ଆକର୍ଷିତ କରିଥାଏ । ଏହି କଣ୍ଢେଇଗୁଡ଼ିକ ଏଥିପାଇଁ ପ୍ରସିଦ୍ଧ ଯେ ସେସବୁ ସ୍ଥାନୀୟ ନଦୀଶଯ୍ୟାରେ ମିଳୁଥିବା ମାଟିରୁ ହିଁ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ବିଶ୍ୱର ଅଧିକାଂଶ ସଂଗ୍ରହାଳୟରେ ସେହି କଣ୍ଢେଇମାନ ସଂଗୃହୀତ ହୋଇଥିବାର ଯେକେହି ଲକ୍ଷ୍ୟ କରିପାରିବେ।

ବାରାଣସୀର କାଠ କଣ୍ଢେଇ

ଉତ୍ତର ପ୍ରଦେଶର ବାରାଣସୀ ତା'ର ମନଲୋଭା କାଠ କଣ୍ଢେଇ ନିମନ୍ତେ ଖୁବ୍ ପ୍ରସିଦ୍ଧ । କାଠର ପ୍ରାକୃତିକ ସିରାକୁ ନେଇ ସେସବୁ କଣ୍ଢେଇକୁ କାରୀଗରମାନେ ପ୍ରସ୍ତୁତ କରିଥାନ୍ତି । ପୁଣି ଏଥିରେ କୌଣସି ଦୁଇଟି କାଠର ସଂଯୋଗ କରାଯାଇନଥାଏ । ତେଣୁ ତାହା ଶିଶୁମାନଙ୍କ ନିମନ୍ତେ ଯେତିକି ଆକର୍ଷଣୀୟ ସେତିକି ନିରାପଦ । ଏହି କଣ୍ଢେଇ ପାଇଁ ଜିଆଇ ଟ୍ୟାଗ୍ ମିଳିବା ପରେ, ବାରାଣସୀ ଏବେ ଭାରତର ସର୍ବବୃହତ୍ କଣ୍ଢେଇ ନିର୍ମାଣ ପେଣ୍ଠସ୍ଥଳୀରେ ପରିଣତ ହୋଇଛି ।

ଯାଉଛି । ଏହା ଫଳରେ ସେସବୁ କଣ୍ଢେଇ ପିଲାମାନଙ୍କ ଦୃଷ୍ଟି ଅଧିକ ମାତ୍ରାରେ ଆକର୍ଷଣ କରୁଛି । ଗୁଜରାଟ ଓ ରାଜସ୍ଥାନର କନା କଣ୍ଢେଇମାନ ଆମର ପୁରାଣଶାସ୍ତ୍ରର କଥା ବଖାଣିଥାନ୍ତି । ଏହାର ଆନିମେସନ୍ ଦ୍ୱାରା ଭାରତୀୟ ସଂସ୍କୃତି ସଂପର୍କରେ ପିଲାମାନଙ୍କୁ ଅଧିକ ମାତ୍ରାରେ ପରିଚିତ କରାଯାଉଛି ।

ନିରାପତ୍ତା ଓ ଆତ୍ମନିର୍ଭରଶୀଳତା ପାଇଁ ପ୍ରୟାସ

ଭାରତରେ ଭାରତୀୟ ମୂଲ୍ୟବୋଧ ବ୍ୟବସ୍ଥା ଆଧାରିତ କଣ୍ଢେଇ ନିର୍ମାଣ କରାଯିବା ଉଚିତ । ଏଭଳି କଣ୍ଢେଇ ନିର୍ମାଣ ଦ୍ୱାରା ଅଧିକ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ସଂସ୍କୃତି ସଂପର୍କରେ ମଧ୍ୟ ଲୋକମାନଙ୍କୁ ଅଧିକ ସଚେତନ କରାଯାଇପାରିବ । ଜଣେ ଶିଶୁକୁ କୁଶଳୀ କରିବା ନିମନ୍ତେ କଣ୍ଢେଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଏକ ସୁନ୍ଦର ଓ ଉପଯୁକ୍ତ କଣ୍ଢେଇ ଗୋଟିଏ ଶିଶୁକୁ କୁଶଳୀ କରିବାରେ ଅତି ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଏ । କଣ୍ଢେଇର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠୁଛି କାରଣ ଶିଶୁମାନଙ୍କୁ କରୋନା ମହାମାରୀ କାଳରେ ଘର ଭିତରେ ଆବଦ୍ଧ ହୋଇ ଦୀର୍ଘ ସମୟ ଧରି ରହିବାକୁ ପଡୁଛି । ସେହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀନଗରସ୍ଥିତ ଶିଶୁ ବିଶ୍ୱବିଦ୍ୟାଳୟ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ ଏବଂ ଏମଏସଏମଇ ମନ୍ତ୍ରଣାଳୟ ସହିତ କିଭଳି ଭାବେ ନୂତନ କିଷମର କଣ୍ଢେଇ ପ୍ରସ୍ତୁତ କରାଯାଇପାରିବ ଏବଂ ଶିଶୁମାନଙ୍କ ପାଇଁ ତାହା ସର୍ବତ୍ର ଉପଲବ୍ଧ ହେବ ତଥା କଣ୍ଢେଇ ଉତ୍ପାଦନ କ୍ଷେତ୍ରରେ ଭାରତକୁ କିଭଳି ଭାବେ ବିଶ୍ୱର ଏକ ପେଣ୍ଠସ୍ଥଳରେ ପରିଣତ କରାଯାଇପାରିବ ସେ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ତେଣୁ ଦେଶର ବିଭିନ୍ନ ଭାଗରେ କଣ୍ଢେଇ କ୍ଲଷ୍ଟରମାନଙ୍କର ବିକାଶ ଘଟାଯାଇ ସେସବୁକୁ ବିବିଧ ଭାବେ ପ୍ରୋତ୍ସାହିତ କରାଯାଉଛି । ଭାରତରେ ଶିଶୁମାନଙ୍କ ସଂଖ୍ୟା ବେଶ୍ ଅଧିକ ଏବଂ ଏଠାରେ କଣ୍ଢେଇ ପ୍ରସ୍ତୁତିରେ ଏକ ମହାନ ପରମ୍ପରା ରହିଛି । ତେବେ ବିଶ୍ୱ କଣ୍ଢେଇ ବଜାରକୁ ଭାରତର ଅବଦାନ ନିମନ୍ତେ କୌଣସି କାରଣ ଦର୍ଶାଇବା ଯଥେଷ୍ଟ ନୁହେଁ । ଏ ଦିଗରେ ଯେଉଁ ପ୍ରଥମ ପଦକ୍ଷେପ ଗ୍ରହଣ କରାଯିବାର ଅଛି ତାହା ହେଉଛି ନୀତିଗତ ସଂସ୍କାର ଜରିଆରେ ଉନ୍ନତ ଧରଣର ସୁନ୍ଦର କଣ୍ଢେଇମାନ ଗଢ଼ିବା ।

ଆଜକୁ ପ୍ରାୟ ଶହେ ବର୍ଷ ପୂର୍ବେ, ଦେଶରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ବେଳେ ମହାତ୍ମା ଗାନ୍ଧୀ କହିଥିଲେ ଯେ ଦେଶବାସୀ ସେମାନଙ୍କର ଆତ୍ମସମ୍ମାନ ଏବଂ ସେମାନଙ୍କର ଶକ୍ତି ପ୍ରଦର୍ଶନ କରିବାର ଭାବନାକୁ ହୃଦୟଙ୍ଗମ କରିବା ଆବଶ୍ୟକ । ବର୍ତ୍ତମାନ ଦେଶର କଣ୍ଢେଇ ଶିଳ୍ପସଂସ୍ଥାମାନଙ୍କର ଏହା ଦାୟିତ୍ୱ ଯେ ସେମାନେ ଏହି କ୍ଷେତ୍ରରେ ଆତ୍ମନିର୍ଭର ହୁଅନ୍ତୁ । କରୋନା ମହାମାରୀ କାଳରେ ଯେତେବେଳେ ଅଣ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀକୁ ବାଜ୍ୟାପ୍ତ କରିଦିଆଯାଇଥିଲା ରାଞ୍ଚିର ମନୋଜ କୁମାର ନିଜର ଚିନ୍ତାଧାରାକୁ ପୁଞ୍ଜି କରି ଏହାକୁ ଏକ ସୁଯୋଗ ଭାବେ ଉପଯୋଗ କରିବା ସକାଶେ ଅଣ୍ଟା ଭିଡ଼ିଥିଲେ । ଭାରତୀୟ କଣ୍ଢେଇକୁ ଲୋକପ୍ରିୟ କରିବା ସକାଶେ ସେ ସ୍ଥିର କରିଥିଲେ

ଚନ୍ନାପାଟନା: କର୍ଣ୍ଣାଟକର ୩୦୦ ବର୍ଷ ପୁରୁଣା କଣ୍ଢେଇ ଗଢ଼ା ପରମ୍ପରା

କର୍ଣ୍ଣାଟକର ଚନ୍ନାପାଟନାରେ ନିର୍ମାଣ କରାଯାଉଥିବା କଣ୍ଢେଇ ଏହି ନାମରେ ହିଁ ସର୍ବତ୍ର ସୁପରିଚିତ ଯାହାର ଇତିହାସ ପ୍ରାୟ ୩୦୦ ବର୍ଷର ପ୍ରାଚୀନ । ଏହି କ୍ଷେତ୍ରରେ ନିର୍ମିତ କଣ୍ଢେଇର ମୂଳ ଟିପୁ ସୁଲତାନଙ୍କ ରାଜତ୍ୱ କାଳର । ଏଠାକାର କଣ୍ଢେଇ ବିଶ୍ୱବିଖ୍ୟାତ ଏବଂ ଶିଶୁମାନଙ୍କ ଦ୍ୱାରା ଏହା ବିଶେଷ ଭାବେ ଆଦୃତ ହୋଇଥାଏ ।

ଥାଞ୍ଜାଭୁର: ନୃତ୍ୟରତ କଣ୍ଢେଇ

ଏହା ହେଉଛି ଏକ ପ୍ରକାର ଗୋଲମୁଣ୍ଡିଆ ଥାକୁଲୁ ଥୁକୁଲୁ ପାରମ୍ପରିକ କଣ୍ଢେଇ ଯାହା ମାଟିରୁ ପ୍ରସ୍ତୁତ କରାଯାଇଥାଏ । ତାମିଲ ସାହିତ୍ୟରେ ଏଭଳି କଣ୍ଢେଇର ବର୍ଣ୍ଣନା ରହିଛି । ତାମିଲନାଡ଼ୁର ଥାଞ୍ଜାଭୁରରୁ ଏଭଳି କଣ୍ଢେଇର ଉତ୍ପତ୍ତି ବୋଲି ବିଶ୍ୱାସ କରାଯାଏ । ଏହି କଣ୍ଢେଇର ମୁଣ୍ଡଟି ଶରୀର ତୁଳନାରେ ବଡ଼ । ଯେତେବେଳେ ଏହି କଣ୍ଢେଇକୁ କେହି ଛୁଇଁଦିଏ ତା'ର ମୁଣ୍ଡଟି ଆଗକୁ ପଛକୁ ଦୋହଲୁଥାଏ । ଏହା କେବଳ ପିଲାମାନଙ୍କ ମଧ୍ୟରେ ଆଦୃତି ଲାଭ କରିନାହିଁ ଅପରନ୍ତୁ ବୟସ୍କ ଲୋକମାନେ ମଧ୍ୟ ଏଭଳି କଣ୍ଢେଇକୁ ଖୁବ୍ ପସନ୍ଦ କରିଥାନ୍ତି । ଏଭଳି କଣ୍ଢେଇକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି ।

। ସେ ନରମ କଣ୍ଢେଇ ଗଢ଼ିବା ଆରମ୍ଭ କରିବା ସହ ଅନେକ ଲୋକଙ୍କୁ ଏଥିପାଇଁ କର୍ମନିଯୁକ୍ତି ମଧ୍ୟ ପ୍ରଦାନ କରିପାରିଥିଲେ । ସେ କହନ୍ତି ଯେ କଣ୍ଢେଇ ଶିଳ୍ପକୁ ପ୍ରୋତ୍ସାହନ ଦେବା ନିମନ୍ତେ କରୋନା କାଳୀନ କଟକଣା ହିଁ ପ୍ରକୃଷ୍ଟ ଅବସର ଥିଲା । କାରଣ ସେତେବେଳେ କଣ୍ଢେଇ ତିଆରି ନିମନ୍ତେ କଞ୍ଚାମାଲ ଉପରେ କଟକଣା ଜାରି କରାଯାଇଥିଲା । "ମୁଁ ନରମ କଣ୍ଢେଇ ତିଆରି କରିବା ଆରମ୍ଭ କଲି ଏବଂ ଏଥିପାଇଁ କେତେ ଜଣ ଶିଳ୍ପୀଙ୍କୁ ମଧ୍ୟ ନିଯୁକ୍ତ କଲି । ଆଜିର ଯୁବକମାନେ ନିଯୁକ୍ତି ଦେବାରେ ହିଁ ବିଶ୍ୱାସ କରନ୍ତି । ଏବଂ "ଭୋକାଲ ଫର୍ ଲୋକାଲ" ବୋଲି ଯେଉଁ ସ୍ଲୋ।ଗାନ ଦିଆଯାଉଛି ତାହା ଏହି ପ୍ରୟାସକୁ ଆଗକୁ ବଢ଼ିବାରେ ସହାୟକ ହୋଇଥିଲା । ଯେତେ ଯେତେ ଯୁବକ ଏହି କ୍ଷେତ୍ରରେ ସାମିଲ ହେବେ ସମସ୍ତଙ୍କ ସକାଶେ ସେତିକ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ।" ବୋଲି ଶ୍ରୀ କୁମାର କହନ୍ତି । ସରକାରଙ୍କ ଦ୍ୱାରା ଆୟୋଜିତ କଣ୍ଢେଇ ମେଳା ଏବଂ ଟାଇକୋଥନ୍‌ର ଏହା ହେଉଛି ସୁଫଳ । ତାହା ପୁଣି ସେତିକିବେଳେ ସମ୍ଭବପର ହୋଇପାରିଛି ଯେତେବେଳେକି ସ୍ମାର୍ଟ ଫୋନ୍ ଏବଂ କମ୍ପ୍ୟୁଟର ମାଧ୍ୟମରେ ଏତେ ସବୁ ପରାମର୍ଶ ଯୋଗାଇ ଦିଆଯାଉଛି । ଧୀରେ ଧୀରେ ଭାରତୀୟ କମ୍ପ୍ୟୁଟର ଗେମ୍ ଅଧିକ ଲୋକପ୍ରିୟ ହେଉଛି ବୋଲି ସେ କହିଛନ୍ତି। ଷ୍ଟାର୍ଟ ଅପ୍‌ଙ୍କ ଠାରୁ ଆରମ୍ଭ କରି ଶିଳ୍ପସଂସ୍ଥାମାନଙ୍କ ପର୍ଯ୍ୟନ୍ତ, ଛାତ୍ରଛାତ୍ରୀମାନଙ୍କ ଠାରୁ ନେଇ ଶିକ୍ଷକ ଓ ଡିଜାଇନରମାନଙ୍କ ଯାଏ, କଣ୍ଢେଇ ଉତ୍ପାଦନ ଶିଳ୍ପକୁ ଆତ୍ମନିର୍ଭରଶୀଳ କରିବାରେ ସମସ୍ତଙ୍କର ଅବଦାନ ରହିଛି ଓ

ଦେଶରେ ଗେମିଂ ଏବଂ ଆନିମେସନ୍ ନିମନ୍ତେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ ନିମନ୍ତେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଇଆଇଟି ବମ୍ବେ ସହ ସହଯୋଗ ସ୍ଥାପନ କରିଛି ।

ସେମାନେ ତାହା ସମ୍ପାଦନ କରୁଛନ୍ତି । ପ୍ରତ୍ୟେକଙ୍କର ଏହି ଛୋଟ ଛୋଟ ଅବଦାନ ଭାରତୀୟ କଣ୍ଢେଇ ଶିଳ୍ପକୁ ଆତ୍ମନିର୍ଭରଶୀଳ କରିବା ଦିଗରେ ବେଶ୍ ଯୋଗଦାନ ଦେଇପାରିବ । ସରକାରଙ୍କ ପ୍ରୟାସ ଏବଂ 'କଣ୍ଢେଇ ପାଇଁ ଗୋଷ୍ଠୀବଦ୍ଧ ହେବା ଏବଂ ଗୋଷ୍ଠୀବଦ୍ଧ ଭାବେ ଆସ କଣ୍ଢେଇ ବନେଇବା' ସମେତ ଅନ୍ୟାନ୍ୟ ପ୍ରୋତ୍ସାହନ କାର୍ଯ୍ୟକ୍ରମ କଣ୍ଢେଇ ଶିଳ୍ପକୁ ଏକ ନୂତନ ପରିଚୟ ପ୍ରଦାନ କରିବା ତଥା ନୂତନ ଶୀର୍ଷରେ ପହଞ୍ଚାଇବା ଦିଗରେ ବିଶେଷ ଭାବେ ସହାୟକ ହୋଇପାରୁଛି। ଏହିସବୁ ସ୍ଥାନୀୟ କଣ୍ଢେଇମାନଙ୍କୁ ନେଇ ଭାରତ ଏବେ ବିଶ୍ୱ ବଜାରରେ ବ୍ୟାପକ ମାତ୍ରାରେ ପ୍ରବେଶ କରିବାକୁ ଯାଉଛି । ନୂତନ ଭାରତ ଏହି ଦିଗରେ ନୂତନ ମନୋବଳର ସହ ଆଗକୁ ଅଗ୍ରସର ହେଉଛି । ■

ସୁଦୃଢ଼ ସଂଘୀୟ ଢାଞ୍ଚାରେ ବିକାଶର ନୂଆ ସୁଯୋଗ

ବୈଶ୍ୱିକ ମହାମାରୀ କୋଭିଡ଼ ୧୯ ବିରୁଦ୍ଧରେ ଭାରତ ଏଭଳି ସଫଳତାର ସହିତ ଲଢ଼େଇ କରିଛି ଏବଂ ବିକାଶ ପଥରେ ଦିନକୁ ଦିନ ଆଗକୁ ଅଗ୍ରସର ହେବାରେ ଲାଗିଛି ଯେ ଏହା ଦେଶର ସୁଦୃଢ଼ ସଂଘୀୟ ବ୍ୟବସ୍ଥାର ସଫଳ ଗାଥାକୁ ବଖାଣୁଛି । ଭାରତର ବିକାଶ କାହାଣୀକୁ ଏକ ନୂତନ ପରିଚୟ ପ୍ରଦାନ କରିବା ସହ ନୀତି ଆୟୋଗ ଗଭର୍ଣ୍ଣିଂ ପରିଷଦର ଷଷ୍ଠ ବୈଠକ ୨୦୨୧ ମସିହା ଫେବୃଆରୀ ୨୦ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ଅଧ୍ୟକ୍ଷତା କରି କୃଷି, ଉତ୍ପାଦନ, ମାନବ ସମ୍ବଳ ବିକାଶ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଭଳି ପ୍ରସଙ୍ଗ ଉପରେ ଗୁରୁତ୍ୱର ସହ ଆଲୋଚନା କରିଥିଲେ । ଏହିସବୁ ସୁବିଧା କିଭଳି ସମାଜର ତୃଣମୂଳ ସ୍ତରରେ ବସବାସ କରୁଥିବା ଲୋକମାନଙ୍କ ନିକଟରେ ପହଞ୍ଚାଯାଇପାରିବ ସେ ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ନିଜର ଭାଷଣ ପ୍ରସଙ୍ଗରେ ଭାରତର ବିକାଶ ଗାଥା ଉପସ୍ଥାପନ କରିଥିଲେ । ସେ କହିଲେ ଯେ ଜନ ଧନ ବ୍ୟାଙ୍କ୍ ଜମାଖାତା ଖୋଲା, ଟିକାକରଣ, ଉଜ୍ଜ୍ୱଳାଯୋଜନା, ଶୌଚାଳୟ ଓ ଗରିବ ଲୋକମାନଙ୍କୁ ପକ୍କା ବାସଗୃହ ଯୋଗାଣ ଗରିବ ଲୋକଙ୍କ ଅଧିକ ସଶକ୍ତ କରିଛି । ସେହିଭଳି ଜଳ ଜୀବନ ଯୋଜନା ମାଧ୍ୟମରେ ଦେଶର ପ୍ରତ୍ୟେକ ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିପାରିଛି । ଅପପୁଷ୍ଟିକୁ ରୋକାଯିବା ସହ ସାରା ଭାରତରେ ଭାରତ ନେଟ୍ ଯୋଜନା ମାଧ୍ୟମରେ ଇଣ୍ଟରନେଟ ସଂଯୋଗ ପହଞ୍ଚା ଯାଇପାରିଛି ।

ଗଭର୍ଣ୍ଣିଂ ପରିଷଦ କ'ଣ?

ନୀତି ଆୟୋଗର ଗଭର୍ଣ୍ଣିଂ ପରିଷଦ ହେଉଛି ଏକ ପ୍ରଶାସନିକ ମଞ୍ଚ ଯେଉଁଥିରେ ଆନ୍ତଃ କ୍ଷେତ୍ରୀୟ, ବିଭାଗୀୟ ଓ ସଂଘୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥାଏ । ପ୍ରଧାନମନ୍ତ୍ରୀ , ରାଜ୍ୟ ମୁଖ୍ୟମନ୍ତ୍ରୀଗଣ ଓ କେନ୍ଦ୍ରଶାସିତ କ୍ଷେତ୍ରର ଉପ ରାଜ୍ୟପାଳବୃନ୍ଦ ଏହି ବୈଠକରେ ଅଂଶଗ୍ରହଣ କରିଥାନ୍ତି । ଏହାର ଷଷ୍ଠ ବୈଠକ ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି କାରଣ ଜମ୍ମୁ କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ପ୍ରଦେଶ ଭାବେ ଗଠିତ ହେବାପରେ ପ୍ରଥମ ଥର ପାଇଁ ଏହି ବୈଠକରେ ଯୋଗ ଦେଇଥିଲେ । ■

> ରାଷ୍ଟ୍ରର ପ୍ରଗତିର ସାରମର୍ମ ହେଲା ଏଇଆ ଯେ କେନ୍ଦ୍ର ଏବଂ ରାଜ୍ୟମାନେ ଏକ ମନରେ କାର୍ଯ୍ୟ କରିବା ଉଚିତ ଏବଂ ଏକ ନିର୍ଦ୍ଦିଷ୍ଟ ଦିଗରେ ଆଗକୁ ଅଗ୍ରସର ହେବା ଦରକାର । ଆମକୁ ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ଅଧିକ ଅର୍ଥପୂର୍ଣ୍ଣ କରିବାକୁ ପଡ଼ିବ ଏବଂ ରାଜ୍ୟ ତଥା ଜିଲ୍ଲା ସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ପହଞ୍ଚାଇବାକୁ ହେବ । ଆମେ ଏକଥା ଦେଖିଛୁ ଯେ କରୋନା ମହାମାରୀ କାଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏକ ମନରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ଫଳରେ ଆମକୁ କେତେ ମାତ୍ରାରେ ସଫଳତା ପ୍ରାପ୍ତ ହୋଇଥିଲା ଏବଂ ସମଗ୍ର ବିଶ୍ୱରେ ଭାରତର କିପରି ଏକ ସକାରାତ୍ମକ ଭାବମୂର୍ତ୍ତି ପ୍ରତିଷ୍ଠିତ ହୋଇପାରିଥିଲା ।
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ପ୍ରମୁଖ ପ୍ରସଙ୍ଗ:

- ଦେଶର ଏହି ବିକାଶ ଯାତ୍ରାରେ ଘରୋଇ କ୍ଷେତ୍ର ଅଧିକ ଆଗ୍ରହର ସହ ଆଗେଇ ଆସୁଛନ୍ତି । ସରକାର ଭାବେ, ଆମେ ସେମାନଙ୍କର ଏହି ଆଗ୍ରହକୁ ସମ୍ମାନ ଜଣାଇବା କଥା ଏବଂ ଆତ୍ମ ନିର୍ଭର ଭାରତ ଅଭିଯାନରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ନିମନ୍ତେ ସମସ୍ତ ପ୍ରକାର ସୁଯୋଗ ଯୋଗାଇଦେବା ବାଂଛନୀୟ ।
- ଆତ୍ମନିର୍ଭର ଭାରତ ଅଭିଯାନ ହେଉଛି ଭାରତକୁ ଏଭଳି ଭାବେ ବିକଶିତ କରାଯିବା ଉଚିତ ଯଦ୍ୱାରା ଏହା କେବଳ ନିଜର ଆବଶ୍ୟକତା ପୂରଣ ନିମନ୍ତେ ବିଭିନ୍ନ ଦ୍ରବ୍ୟ ଓ ସାମଗ୍ରୀ ଉତ୍ପାଦନ କରିବ ନାହିଁ, ଅପରନ୍ତୁ ସାରା ବିଶ୍ୱକୁ ଯୋଗାଇ ପାରିବ । ଏଭଳି ଉତ୍ପାଦନ ମଧ ବିଶ୍ୱର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଜରୁରି ।
- ନୀତିଗତ ଢାଂଚା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଉତ୍ତମ ସମନ୍ୱୟ ରକ୍ଷା ମଧ୍ୟ ଏକାନ୍ତ ଆବଶ୍ୟକ । ଦେଶର ତଟୀୟ ରାଜ୍ୟମାନେ ଏହାର ପ୍ରକୃଷ୍ଟ ଉଦାହରଣ ଭାବେ ବିବେଚନା କରାଯାଇପାରେ । ସେହିସବୁ ରାଜ୍ୟମାନଙ୍କରେ ମତ୍ସ୍ୟ ଶିଳ୍ପ ଏବଂ ନୀଳ ଅର୍ଥନୀତିର ବିକାଶ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ମହଜୁଦ ରହିଛି ।
- ସରକାର ବିଭିନ୍ନ କ୍ଷେତ୍ର ନିମନ୍ତେ ପିଏଲଆଇ ଯୋଜନାମାନ ପ୍ରବର୍ତ୍ତନ କରିଛନ୍ତି। ଉତ୍ପାଦନ କ୍ଷେତ୍ର ନିମନ୍ତେ ଏହା ଅପୂର୍ବ ସୁଯୋଗ ।

ଭାରତ ହେବ ବୈଶ୍ୱିକ ଟେଲିକମ୍- ଇଲେକ୍ଟ୍ରୋନିକ୍ ପେଣ୍ଠସ୍ଥଳୀ

କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କେତେଗୁଡ଼ିଏ ନିଷ୍ପତ୍ତି ଆଇଟି ହାର୍ଡୱେର, ଟେଲିକମ୍ ଓ ଫାର୍ମାସିଉଟିକାଲ୍ସ କ୍ଷେତ୍ରରେ ଭାରତକୁ ବିଶ୍ୱର ଏକ ଉତ୍ପାଦନ ପେଣ୍ଠସ୍ଥଳୀରେ ପରିଣତ କରିବ । ଏହା ବ୍ୟତୀତ ଶିଶୁମାନଙ୍କ ସୁରକ୍ଷା ସହିତ ସେମାନଙ୍କ ଅଧିକାରକୁ ମଧ୍ୟ ସୁନିଶ୍ଚିତ ରଖାଯାଇପାରିବ ।

ନିଷ୍ପତ୍ତି: ଆଇଟି କ୍ଷେତ୍ର ନିମନ୍ତେ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଂଜୁରୀ ପ୍ରଦାନ

ସୁଫଳ:

- ଆଇଟି ହାର୍ଡୱେର କ୍ଷେତ୍ରରେ ଏହି ଯୋଜନା ୫ଟି ପ୍ରମୁଖ ବୈଶ୍ୱିକ କମ୍ପାନୀ ଏବଂ ୧୦ଟି ଘରୋଇ ଛାମୁଆ ସଂସ୍ଥାଙ୍କୁ ଲାପଟପ୍, ଟାବଲେଟ, ଅଲ୍ ଇନ୍ ୱାନ୍ ପିସି ଓ ସର୍ଭର ଉତ୍ପାଦନ ନିମନ୍ତେ ଉପକୃତ କରାଇବ ।
- ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡ଼ିଜାଇନ୍ ଏବଂ ଉତ୍ପାଦନ (ଇଏସଡିଏମ) କ୍ଷେତ୍ରରେ ଭାରତ ଏହି ଯୋଜନା ଦ୍ୱାରା ଏକ ବୈଶ୍ୱିକ ହବ୍ ଭାବେ ମୁଣ୍ଡ ଟେକିବ । କାରଣ ଏହା ଫଳରେ ଭାରତ ବୈଶ୍ୱିକ ଭାଲ୍ୟୁ ଚେନ୍‌ରେ ସମନ୍ୱିତ ହୋଇପାରିବ ।
- ଏହି ଯୋଜନାର ମୋଟ ମୂଲ୍ୟ ୭,୩୦୦ କୋଟି ଟଙ୍କା ଯାହାକି ଆଗାମୀ ୪ ବର୍ଷ ମଧ୍ୟରେ ବ୍ୟୟ କରାଯିବ । ଭାରତରେ ନିର୍ମିତ ସାମଗ୍ରୀର କ୍ରମବର୍ଦ୍ଧିଷ୍ଣୁ ବିକ୍ରୟ ଆଧାରରେ ଯୋଗ୍ୟ କମ୍ପାନୀମାନଙ୍କୁ ଚାରି ବର୍ଷ ପର୍ଯ୍ୟନ୍ତ ୪ରୁ ୧ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ।

ନିଷ୍ପତ୍ତି: ଟେଲିକମ୍ ତଥା ନେଟୱାର୍କି ଉତ୍ପାଦ ଉପରେ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନାକୁ ମଞ୍ଜୁରୀ ପ୍ରଦାନ ।

ସୁଫଳ:

- ଦେଶରେ ଟେଲିକମ୍ ଉତ୍ପାଦନ ବୃଦ୍ଧି ପାଇବ ଯେଉଁଥିପାଇଁ ଆଗାମୀ ପାଞ୍ଚବର୍ଷ ନିମନ୍ତେ ମୋଟ ୧୨,୧୯୫ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଏହାଦ୍ୱାରା ୨ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଉତ୍ପାଦିତ ହେବ ।
- ବୈଶ୍ୱିକ ପ୍ରମୁଖ ନିବେଶକାରୀମାନଙ୍କୁ ଭାରତରେ ବିପୁଳ ପୁଂଜି ନିବେଶ ସକାଶେ ଆକର୍ଷିତ କରିବା ଲାଗି ଭାରତର ଦକ୍ଷତା ବୃଦ୍ଧିପାଇବ ।
- ଏହି ଯୋଜନା ଘରୋଇ ପ୍ରମୁଖ କମ୍ପାନୀମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବ ଏବଂ ସେମାନେ ଏହି ସୁଯୋଗର ଫାଇଦା ନେବା ସକାଶେ ରପ୍ତାନୀ ବଜାରରେ ପ୍ରବେଶ କରିବେ ।
- ଏହି ଯୋଜନା ମଧ୍ୟ "ମେଡ୍ ଇନ୍ ଇଣ୍ଡିଆ" ମାଧ୍ୟମରେ ଉତ୍ପାଦିତ ଟେଲିକମ୍ ଓ ନେଟୱାର୍କିଂ ଉତ୍ପାଦକୁ ରପ୍ତାନୀ ନିମନ୍ତେ ପ୍ରୋତ୍ସାହନ ଯୋଗାଇବ ।
- ଏହି ଯୋଜନା ବିଦେଶରୁ ପ୍ରାୟ ୫୦,୦୦୦ କୋଟି ଟଙ୍କା ମୂଲ୍ୟର ଟେଲିକମ୍ ଯନ୍ତ୍ରାଂଶ ଆମଦାନୀ କରିବା ପ୍ରକ୍ରିୟାକୁ ରୋକିବ ।

- ଭାରତ ଉତ୍ପାଦନ କ୍ଷେତ୍ରରେ ତାର ପ୍ରତିଯୋଗୀ କ୍ଷମତା ବୃଦ୍ଧି କରିପାରିବ । ଏହି ଯୋଜନା ମାଧ୍ୟମରେ ଦେଶୀୟ କମ୍ପାନୀମାନେ କ୍ରମବର୍ଦ୍ଧିଷ୍ଣୁ ଭାବେ ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୨.୪୪ ଲକ୍ଷ କୋଟି ଟଙ୍କା ମୂଲ୍ୟର ମୂଲ୍ୟଯୁକ୍ତ ସାମଗ୍ରୀ ଉତ୍ପାଦନ କରିପାରିବେ ଏବଂ ସେଥିରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ରପ୍ତାନୀ ସାମଗ୍ରୀ ସାମିଲ ।
- ଏହି ଯୋଜନା ପ୍ରାୟ ୩,୦୦୦ କୋଟି ଟଙ୍କାର ଅଧି ନିବେଶ ବୃଦ୍ଧି କରିବ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୪୦,୦୦୦ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ ।

ନିଷ୍ପତ୍ତି: ଫାର୍ମାସିଉଟିକାଲ୍ସ ପାଇଁ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଯୋଜନା

ସୁଫଳ:

- ଏହି ଯୋଜନା ୨୦୨୦-୨୧ ଠାରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରବର୍ତ୍ତିତ ହେବ ଯେଉଁ ଅବଧି ମଧ୍ୟରେ ଉଚ୍ଚ ମୂଲ୍ୟଯୁକ୍ତ ସାମଗ୍ରୀ ଦେଶରେ ଉତ୍ପାଦନ କରାଯିବ ଏବଂ ରପ୍ତାନୀ ନିମନ୍ତେ ଏହା ମୂଲ୍ୟଯୁକ୍ତ ବ୍ୟବସ୍ଥା କରିବ ।
- ମୋଟ ବର୍ଦ୍ଧନଶୀଳ ବିକ୍ରୟର ମୂଲ୍ୟ ୨,୯୪,୦୦୦ କୋଟି ଟଙ୍କା ଏବଂ ମୋଟ ବର୍ଦ୍ଧନଶୀଳ ରପ୍ତାନୀର ପରିମାଣ ୧,୯୬,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଯାହାକି ୨୦୨୨-୨୩ ଠାରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ହାସଲ କରାଯିବ ।
- ଏହି ଯୋଜନା ପ୍ରତ୍ୟକ୍ଷ ଭାବେ ୨୦,୦୦୦ କର୍ମନିଯୁକ୍ତି ଏବଂ ପରୋକ୍ଷ ଭାବେ ୮୦,୦୦୦ କର୍ମନିଯୁକ୍ତି ସୃଷ୍ଟି କରିବାର ଆଶା କରାଯାଉଛି ଯାହାକି ବିକାଶ କ୍ଷେତ୍ର ପାଇଁ ଉପକାରସିଦ୍ଧ ହୋଇପାରିବ ।

ନିଷ୍ପତ୍ତି: ବାଳ ଅପରାଧ (ଯତ୍ନ ଏବଂ ଶିଶୁ ସୁରକ୍ଷା) ଆଇନ, ୨୦୧୫କୁ ମଞ୍ଜୁରୀ ପ୍ରଦାନ

ସୁଫଳ:

- ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଏହା ଅଧିକ ସୁଦୃଢ଼ କରିପାରିବ ।
- ଏହା ଦ୍ୱାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମେତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଆଦେଶନାମା ଜାରି କରିବା ନିମନ୍ତେ ଅଧିକ କ୍ଷମତା ପ୍ରଦାନ କରିବ ଏବଂ ଏହା ଫଳରେ ମାମଲାଗୁଡ଼ିକର ତୁରନ୍ତ ଫଇସଲା କରାଯାଇପାରିବ ଓ ନିର୍ଦ୍ଦିଷ୍ଟ ଭାବେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ବ୍ୟବସ୍ଥା ବୃଦ୍ଧି କରାଯାଇପାରିବ ।
- ଏହି ଆଇନ ଅଧୀନରେ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଆହୁରି ଅଧିକ କ୍ଷମତା ପ୍ରଦାନ କରାଯାଇଛିଯେ ଏହିସବୁ ବ୍ୟବସ୍ଥାକୁ ଅତି ସ୍ୱାଭାବିକ ଭାବେ ସେମାନେ ପ୍ରବର୍ତ୍ତନ କରିବେ ଏବଂ ଶିଶୁମାନଙ୍କ ଦୟନୀୟ ସ୍ଥିତିର ଉନ୍ନତି ନିମନ୍ତେ ସେମାନେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବେ ।

ଲକଡାଉନ ବେଳେ ଦାରିଦ୍ର୍ୟ ମୁକାବିଲା

ତିନି ସପ୍ତାହ ପାଇଁ ସାରା ଦେଶ ଲକଡାଉନ ଘୋଷଣାର ୪୮ ଘଂଟା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦରିଦ୍ରଙ୍କ କଲ୍ୟାଣ ଓ ଜୀବିକାକୁ ପ୍ରାଥମିକତା ଦେଇ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମଜିକେୱାଇ) ଘୋଷଣା କରିଥିଲେ ।

ଦେଶବ୍ୟାପି ଲକଡାଉନ ଘୋଷଣା ଦରିଦ୍ରଙ୍କ ଜୀବିକାର ପ୍ରମୁଖ ପ୍ରତିବନ୍ଧକ ସାଜିଥିଲା । ବିହାର ସଦରର ଲାଲୁ ମାଂଝି, ମନୋଜ ମାଂଝି ଓ ସୁନ୍ଦର ମାଂଝିଙ୍କ ସମସ୍ୟା ବି କିଛି ଅଲଗା ନଥିଲା । ଲକଡାଉନ ଘୋଷଣାର ଅଳ୍ପ କିଛିଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ ହୋଇଥିଲା । ସିକନ୍ଦରପୁର ଗାଁରେ ସାର୍ବଜନୀନ ଶୌଚାଳୟ ନିର୍ମାଣ ଆରମ୍ଭ ହୋଇଥିଲା । ସେଠାରେ ଲାଲୁ ଶ୍ରମିକ, ମନୋଜ ମିସ୍ତ୍ରୀ ଓ ସୁନ୍ଦର ଚିତ୍ରକର ଭାବେ କାମ କରି ରୋଜଗାର କଲେ ଓ ପରିବାର ପ୍ରତିପୋଷଣରେ ସକ୍ଷମ ହେଲେ । ଘର ପାଖରେ କାମ ମିଳୁଥିବା ବେଳେ ବାହାରକୁ ଯାଇ କାହିଁକି କାମ ଖୋଜିବେ ବୋଲି କହନ୍ତି ଲାଲୁ । ବହୁ ଲୋକଙ୍କୁ କାମ ମିଳିଥିବା ବେଳେ ଅଧିକ ସାହାଯ୍ୟ କରିବାକୁ ସରକାର ଆଗଭର ହେଲେ । ଦରିଦ୍ର ପରିବାରକୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦେଲେ। ଲକ୍ଡାଉନ ବେଳେ ମାଗଣା ଖାଦ୍ୟଶସ୍ୟ ପାଇଥିବା ୮୦ କୋଟି ଲୋକଙ୍କ ମଧ୍ୟରେ ଝାଡଖଣ୍ଡ, ଗିରିଡିର ରାମଶଙ୍କର ଠାକୁରଙ୍କ ଠାରୁ ମଧ୍ୟପ୍ରଦେଶ ଅନୁପୁରର ଅନୀତା ବି ସାମିଲ ଥିଲେ ।

ମାର୍ଚ୍ଚ ୨୪, ୨୦୨୦ରୁ ତିନି ସପ୍ତାହ ଧରି ହୋଇଥିବା ସମ୍ପୂର୍ଣ୍ଣ ଲକଡାଉନ ଯୋଗୁଁ ଭାରତ ସ୍ଥିର ହୋଇ ଯାଇଥିଲା । କାମକୁ ଯାଇ ହେଲାନାହିଁ । ଦିନ ମଜୁରିଆ, ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ଏହା ଖୁବ କଷ୍ଟଦାୟକ ଥିଲା ।

ମାର୍ଚ୍ଚ ୨୬, ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମଜିକେୱାଇ) ଅନ୍ତର୍ଗତ ୨.୭୬ ଲକ୍ଷ କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା କରିଥିଲେ । ଗରିବଙ୍କ ସୁରକ୍ଷା ଓ କରୋନା ଭୂତାଣୁ ବିରୋଧୀ ଲଢେଇରେ ସାହାଯ୍ୟ ଏହାର ଉଦ୍ଦେଶ୍ୟ ଥିଲା ।

ସାଧାରଣ ବଂଟନ ବ୍ୟବସ୍ଥା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ

ପିଏମଜିକେୱାଇ ଯୋଜନାର ସଫଳତା ଓ ମାଇଲଖୁଂଟ :

- **ମୂଲ୍ୟ ୨.୭୬ ଲକ୍ଷ କୋଟି ଟଙ୍କା**
- **୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ**
- **୮ କୋଟି ପରିବାରକୁ ମାଗଣା ରନ୍ଧନ ଗ୍ୟାସ**
- **୪୨ କୋଟି ଚାଷୀ, ମହିଳା, ବୟସ୍କ, ଗରିବଙ୍କୁ ସିଧାସଳଖ ଅର୍ଥରାଶି**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜରେ ଖାଦ୍ୟ ବ୍ୟତୀତ ଅନ୍ତର୍ଭୁକ୍ତ ଥିବା ଆଉ କିଛି କାର୍ଯ୍ୟକ୍ରମ

ବିଭିନ୍ନ ସରକାରୀ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ୨୨ ଲକ୍ଷ କୋଭିଡ-୧୯ ସ୍ୱାସ୍ଥ୍ୟ କର୍ମୀଙ୍କୁ ୫୦ ଲକ୍ଷ ଟଙ୍କାର ବୀମା ଏହି ପ୍ୟାକେଜରେ ଅନ୍ତର୍ଭୁକ୍ତ ଥିଲା । ଏଥିରେ ସଫେଇ କର୍ମଚାରୀ, ପାରାମେଡିକାଲ କର୍ମଚାରୀ ଓ ଟେକ୍ନିସିଆନମାନେ ମଧ୍ୟ ସାମିଲ ଥିଲେ ।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା

ଖାଦ୍ୟଶସ୍ୟ ସଙ୍କଟଜନିତ ସମସ୍ୟାରୁ ଗରିବଙ୍କୁ ସୁରକ୍ଷା ଦେବାକୁ ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ-ଜିକେଏୱାଇ) ଆରମ୍ଭ କରିଥିଲେ । ପ୍ରାରମ୍ଭିକ ଭାବେ ଯୋଜନାର ଅବଧି ଜୁନ, ୨୦୨୦ ଯାଏଁ ଥିଲା। ପରେ ଏହାକୁ ନଭେମ୍ବର, ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରା ଯାଇଥିଲା । ଏହି ଯୋଜନାରେ ୮୦ କୋଟିରୁ ଅଧିକ ଲୋକ (କହିବାକୁ ଗଲେ ଭାରତ ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ)ଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଥିଲା । ଏପ୍ରିଲରୁ ଜୁନ ୨୦୨୦ ମଧ୍ୟରେ ୧୮.୮ କୋଟି ହିତାଧିକାରୀଙ୍କୁ ସମୁଦାୟ ୫.୪୩ ଲକ୍ଷ ମେଟ୍ରିକ ଟନ ଡାଲି ବଂଟନ କରାଯାଇଥିଲା ।

ମାସକୁ ୫ କିଲୋଗ୍ରାମ ଅତିରିକ୍ତ ଖାଦ୍ୟଶସ୍ୟ କେନ୍ଦ୍ରୀୟ ପୁଲରୁ ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ-ଜିକେଏୱାଇ) ଆରମ୍ଭ କରିଥିଲେ । ଏହି ଅତିରିକ୍ତ ଖାଦ୍ୟଶସ୍ୟ ଏନଏଫଏସଏ ନିର୍ଦ୍ଧାରିତ ଆବଣ୍ଟନ ଠାରୁ ଅଧିକ। ଏହି ଯୋଜନାକୁ ନଭେମ୍ବର 2020 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। 75,000 କୋଟି ଟଙ୍କାରୁ ଅଧିକ ଟଙ୍କା ବ୍ୟୟ କରାଯାଇ 200 ଲକ୍ଷ ମେଟ୍ରିକ ଟନରୁ ଅଧିକ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଛି। ■

ଚାଷୀଙ୍କୁ ସହାୟତା: ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ପ୍ରାୟ ୯ କୋଟି ଚାଷୀଙ୍କୁ ପିଏମ କିସାନ ଯୋଜନା ଅନ୍ତର୍ଗତ ତିନିଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା।

ଗରିବଙ୍କୁ ସହାୟତା: ୨୦.୬୦ କୋଟିରୁ ଅଧିକ ମହିଳା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମଜେଡିୱାଇ) ଆକାଉଂଟଧାରୀଙ୍କୁ ମାସିକ ୫ ଶହ ଟଙ୍କା ଲେଖାଏଁ ତିନି ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲା । ପ୍ରଥମ କିସ୍ତିରେ ୧୦,୩୨୫ କୋଟି, ଦ୍ୱିତୀୟ କିସ୍ତିରେ ୧୦,୩୧୫ କୋଟି ଓ ତୃତୀୟ କିସ୍ତିରେ ୧୦,୩୧୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏହା ସହିତ ପରିସ୍ଥିତିର ମୁକାବିଲା ପାଇଁ ବୟସ୍କ, ବିଧବା ଓ ଭିନ୍ନକ୍ଷମମାନଙ୍କୁ ଦୁଇଟି କିସ୍ତିରେ ୫ ଶହ ଟଙ୍କା ଲେଖାଏଁ ୨୮୧୪.୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରାୟ ୧.୮୨ କୋଟି ନିର୍ମାଣ ଶ୍ରମିକଙ୍କୁ ୪,୯୮୭ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆ ଯାଇଥିଲା।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮.୫ କୋଟି ଗରିବ ପରିବାରକୁ ମାଗଣା ଗ୍ୟାସ ସିଲିଣ୍ଡର: ଏପ୍ରିଲରୁ ମେ ୨୦୨୦ ମଧ୍ୟରେ ୮.୫୨ କୋଟିରୁ ଅଧିକ ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା (ପିଏମୟୁୱାଇ) ସିଲିଣ୍ଡର ବୁକିଂ ଓ ଡେଲିଭରି ହୋଇଥିଲା । ଅତିରିକ୍ତ ୩.୨୭ କୋଟି ପିଏମୟୁୱାଇ ମାଗଣା ସିଲିଣ୍ଡର ଜୁନ ମାସରେ ହିତାଧିକାରୀମାନଙ୍କୁ ବଂଟନ ହୋଇଥିବା ବେଳେ ଜୁଲାଇ ୨୦୨୦ରେ ୧.୦୫ କୋଟି ସିଲିଣ୍ଡର ବୁକିଂ ଓ ଡେଲିଭରି ହୋଇଥିଲା ।

ସଂଗଠିତ କ୍ଷେତ୍ରରେ କମ ଦରମା ପାଉଥିବା ବ୍ୟକ୍ତିଙ୍କୁ ସହାୟତା: ମାସିକ ୧୫ ହଜାର ଟଙ୍କାରୁ କମ ଦରମା ପାଉଥିବା ତଥା ୧ ଶହରୁ କମ କର୍ମଚାରୀ ଥିବା ସଂସ୍ଥାରେ ନିଯୁକ୍ତି ହରାଇବାର ଆଶଙ୍କା ଥିଲା । ଏହି ପ୍ୟାକେଜରେ ସରକାର ଜୁନ ୨୦୨୦ ପର୍ଯ୍ୟନ୍ତ ସେମାନଙ୍କ ମାସିକ ଦରମାର ୨୪ ପ୍ରତିଶତ ପିଏଫ ଆକାଉଂଟରେ ଜମା କରିବାକୁ ପ୍ରସ୍ତାବ ଦେଇଥିଲେ । ସରକାର ୦.୪୩ କୋଟି କର୍ମଚାରୀଙ୍କ ଇପିଏଫ ଆକାଉଂଟରେ ୨୪୭୬ କୋଟି ଟଙ୍କା ଜମା କରିଥିଲେ । ମାର୍ଚ୍ଚ ୨୦୨୦ରେ ୩୪.୧୯ ଲକ୍ଷ କର୍ମଚାରୀଙ୍କୁ ୫୧୪.୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏପ୍ରିଲରେ ୩୨.୮୭ ଲକ୍ଷ କର୍ମଚାରୀଙ୍କୁ ୫୦୦.୫ କୋଟି, ମେ ମାସରେ ୩୨.୬୮ ଲକ୍ଷ କର୍ମଚାରୀଙ୍କୁ ୪୮୨.୬ କୋଟି, ଜୁନରେ ୩୨.୬୧ ଲକ୍ଷ କର୍ମଚାରୀଙ୍କୁ ୪୯୧.୫ କୋଟି, ଜୁଲାଇରେ ୩୦.୦୧ ଲକ୍ଷ କର୍ମଚାରୀଙ୍କୁ ୪୬୧.୯ କୋଟି, ଅଗଷ୍ଟରେ ୧.୭୭ ଲକ୍ଷ କର୍ମଚାରୀଙ୍କୁ ୨୪.୪୭ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ) ସଦସ୍ୟଙ୍କୁ ଅପରିଶୋଧ ଅଗ୍ରୀମ ଭାବେ ବକେୟା ରାଶିର ୭୫ ପ୍ରତିଶତ କିମ୍ବା ତିନି ମାସର ଦରମା ପ୍ରଦାନ:

କର୍ମଚାରୀ ଭବିଷ୍ୟନିଧି ସଂଗଠନ ଆକାଉଂଟରୁ ପ୍ରାୟ ୩୬.୦୫ ଲକ୍ଷ ସଦସ୍ୟ ଅନଲାଇନରେ ୯,୫୪୩ କୋଟି ଟଙ୍କା ଅପରିଶୋଧ ଅଗ୍ରୀମ ଉଠାଇଥିଲେ ।

ବଜେଟ ୨୦୨୧-୨୨

ସମୃଦ୍ଧି ପଥେ ଦେଶ

କରୋନା କାଳ ପରେ ଉପସ୍ଥାପିତ ପ୍ରଥମ ସାଧାରଣ ବଜେଟରେ ସରକାରଙ୍କ ପ୍ରାଥମିକତା ସ୍ଥାନ ପାଇଛି । ବଜେଟ ପ୍ରତି ଲୋକଙ୍କ ସକାରାତ୍ମକ ମନୋଭାବ ଦେଶର ଇଚ୍ଛାକୁ ଦର୍ଶାଉଛି । ଦେଶର ଶୀର୍ଷ ନେତୃତ୍ୱ ସଫଳ ବଜେଟ ରୂପାୟନକୁ ଗୁରୁତ୍ୱ ଦେଉଛନ୍ତି । କେବଳ ଔପଚାରିକତାରେ ସୀମିତ ନରହି ବଜେଟର ସୁଫଳ ଯେପରି ସମସ୍ତଙ୍କୁ ମିଳିପାରିବ ତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ।

ସାଧାରଣ ବଜେଟକୁ କେବଳ ଔପଚାରିକତାରେ ସୀମିତ ନରଖି ଏହାର ସଫଳ ରୂପାୟନକୁ ପ୍ରାଥମିକତା ପ୍ରଦାନ ସଂସଦୀୟ ଗଣତନ୍ତ୍ର ଇତିହାସରେ ପ୍ରଥମ ଘଟଣା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟେକ କ୍ଷେତ୍ର ସହିତ ଆଲୋଚନା କରି ବଜେଟ ସମ୍ପର୍କରେ ସୁନିଶ୍ଚିତ କରାଇବା ସହ ତୃଣମୂଳ ସ୍ତରରେ ସରକାରଙ୍କ ଦୃଷ୍ଟିଭଙ୍ଗୀ ପହଁଚାଇବା ପାଇଁ ପ୍ରୟାସରତ । ସରକାରଙ୍କ ପ୍ରାଥମିକତା ସମ୍ପର୍କରେ ପ୍ରତ୍ୟେକ କ୍ଷେତ୍ରକୁ ଅବଗତ କରାଇବା ସହ ଦେଶର ବିକାଶରେ ଏସବୁ କ୍ଷେତ୍ରର ଭାଗିଦାରୀ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ବଜେଟର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ୱେବିନାର ସମ୍ବୋଧିତ କରିଛନ୍ତି । ଗୋଟିଏ ପଟେ ସେ ବିନିବେଶ ଓ ସମ୍ପତ୍ତିର ମୁଦ୍ରାୟନ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ, ଭିତିଭୂମି ଓ ପ୍ରତିରକ୍ଷା କ୍ଷେତ୍ରରେ ବଜେଟର ସଫଳ ରୂପାୟନକୁ ଗୁରୁତ୍ୱ ଦିଆଯାଉଛି । ପ୍ରତିରକ୍ଷା ବ୍ୟତୀତ ସମସ୍ତ ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମତ ଦେଇଥିବା ବେଳେ ସରକାର ବ୍ୟବସାୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ମୁଦ୍ରାୟନ ଓ ଆଧୁନିକୀକରଣ ମାଧ୍ୟମରେ ଅର୍ଥନୀତିର କ୍ଷମତା ବୃଦ୍ଧି ପାଇଁ ସରକାର ଉଦ୍ୟମରତ ବୋଲି ସେ କହିଛନ୍ତି ।

କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକୁ ଟିକସଦାତାଙ୍କ ଅର୍ଥରେ ସହାୟତା ପ୍ରଦାନ କରାଯାଉଥିବାରୁ ଅର୍ଥନୀତି ଉପରେ ପ୍ରବଳ ଚାପ ପଡୁଛି । ସରକାର କୌଣସି ନିର୍ଦ୍ଦିଷ୍ଟ ସମ୍ପତ୍ତିର ମୁଦ୍ରାୟନ ବେଳେ ବେସରକାରୀ କ୍ଷେତ୍ରକୁ ମାଲିକାନା ପ୍ରଦାନ କରାଯାଏ । ବେସରକାରୀ କ୍ଷେତ୍ରର ଭାଗିଦାରୀ ଓ ରାଷ୍ଟ୍ରାୟତ ସଂସ୍ଥାର ଦକ୍ଷତା ବଢାଇବା ପାଇଁ ସରକାର ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି ।

ସରକାର କିପରି ପୁଞ୍ଜି ସୃଷ୍ଟି କରୁଛନ୍ତି:

କମ ସରକାର ଓ ଅଧିକ ପ୍ରଶାସନ ଚିନ୍ତାଧାରାକୁ ଆଗେଇ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସରକାରଙ୍କ ନିୟନ୍ତ୍ରଣରେ ଦେଶର ଅନେକ ସ୍ୱଳ୍ପ ବ୍ୟବହୃତ ଓ ଅବ୍ୟବହୃତ ସମ୍ପତି ରହିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଜାତୀୟ ସମ୍ପତି ମୁଦ୍ରାୟନ ପାଇପଲାଇନ ଘୋଷଣା କରିଛନ୍ତି । ଏଥିରେ ତୈଳ, ଗ୍ୟାସ, ବନ୍ଦର, ବିମାନବନ୍ଦର ଓ ଶକ୍ତି ଭଳି କ୍ଷେତ୍ରର ପ୍ରାୟ ୧୦୦ଟି ସମ୍ପତିର ମୁଦ୍ରାୟନ କରାଯିବ । ଏସବୁ ସମ୍ପତିରେ ୨.୫ ଲକ୍ଷ କୋଟି ଟଙ୍କା ବିନିବେଶ ସୁଯୋଗ ରହିଥିବା ଆକଳନ କରାଯାଇଛି ।

ଆର୍ଥିକ ସେବା କ୍ଷେତ୍ରରେ ବଜେଟର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

- ଜମାକର୍ତ୍ତା ଓ ନିବେଶକଙ୍କ ବିଶ୍ୱାସ ତଥା ପାରଦର୍ଶିତା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ।
- ଦେଶର ଆର୍ଥିକ କ୍ଷେତ୍ର ସମ୍ପର୍କରେ ସରକାରଙ୍କ ଦୃଷ୍ଟିଭଙ୍ଗୀ ସୁସ୍ପଷ୍ଟ । ବଜେଟ ଏହି ଦୃଷ୍ଟିଭଙ୍ଗୀକୁ ଆଗେଇ ନେଉଛି ।
- ସାଧାରଣ ପରିବାରର ଆୟ ସୁରକ୍ଷା, ଗରିବଙ୍କୁ ମିଳୁଥିବା ସରକାରୀ ସୁବିଧାସୁଯୋଗର ସଫଳ ଓ ସୁଷମ ବଂଟନ, ଦେଶର ବିକାଶ ପାଇଁ ଭିତିଭୂମି ନିବେଶକୁ ପ୍ରୋତ୍ସାହନ ଆଦି ସରକାରଙ୍କ ପ୍ରାଥମିକତାରେ ସାମିଲ ରହିଛି ।
- ଆତ୍ମନିର୍ଭର ଭାରତର ସ୍ୱପ୍ନ କୃଷକ, ଏମଏସଏମଇ ଓ ଷ୍ଟାର୍ଟଅପଗୁଡିକ ଦ୍ୱାରା ପୂରଣ ହୋଇପାରିବ ।

କୃଷି କ୍ଷେତ୍ରର ଗବେଷଣା ଓ ବିକାଶ ପାଇଁ ବେସରକାରୀ କ୍ଷେତ୍ରର ଭାଗିଦାରୀକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ । କିୟଦଂଶ-

- ଏକବିଂଶ ଶତାବ୍ଦୀର ଭାରତରେ ଗୁଣବତା ଯୁକ୍ତ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅମଳ ପରବର୍ତୀ ଉତ୍ପାଦନ କିମ୍ବା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବିପ୍ଳବ ।
- ପ୍ରକ୍ରିୟାକୃତ ଖାଦ୍ୟର ବିଶ୍ୱ ବଜାର ସୃଷ୍ଟି କରିବା ପାଇଁ ଦେଶର କୃଷି କ୍ଷେତ୍ରର ପ୍ରସାର କରାଯିବ ।
- ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ମାଛ ଚାଷ କ୍ଷେତ୍ରକୁ ପ୍ରାଥମିକତା ଦେଇ ସରକାର କୃଷି ଋଣ ପରିମାଣ ୧୬.୫୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ।

ଭାରତୀୟ ସ୍ୱାସ୍ଥ୍ୟ କ୍ଷେତ୍ର ସାରା ବିଶ୍ୱର ବିଶ୍ୱାସ ଜିତିଛି

କରୋନା ମହାମାରୀ ବେଳେ ଭାରତ ଅଭିଜ୍ଞତା ଓ ଦକ୍ଷତା ପ୍ରଦର୍ଶନ କରିଥିଲା । ସାରା ବିଶ୍ୱ ଭାରତର ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦେଖିଥିଲା । ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରର ସମ୍ମାନ ଓ ବିଶ୍ୱସନୀୟତା ସାରା ବିଶ୍ୱରେ ବଢ଼ିଥିଲା । କେବଳ ଭାରତୀୟ ଡାକ୍ତର ନୁହନ୍ତି ଭାରତୀୟ ଔଷଧ ଓ ଟୀକା ନୂତନ ବିଶ୍ୱସନୀୟତା ହାସଲ କରିପାରିଛି ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟ କାର୍ଯ୍ୟକାରିତା ଉପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

- ୨୦୨୧-୨୨ରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମିଳିଥିବା ବଜେଟ ରାଶି ଅଭୂତପୂର୍ବ ଓ ପ୍ରତ୍ୟେକ ନାଗରିକଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପ୍ରତିଶ୍ରୁତିକୁ ଦର୍ଶାଉଛି ।
- ଡାକ୍ତରୀ ଉପକରଣରୁ ଔଷଧ, ଭେଂଟିଲେଟରରୁ ଟୀକା, ବୈଜ୍ଞାନିକ ଗବେଷଣାରୁ ନୀରିକ୍ଷଣ ଭିତିଭୂମି, ଡାକ୍ତରଙ୍କଠାରୁ ମହାମାରୀବିଦଙ୍କ ପର୍ଯ୍ୟନ୍ତ ଗୁରୁତ୍ୱ ଦେବାକୁ ହେବ ।
- ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷାଗାର ନେଟୱର୍କ ନିର୍ମାଣରେ ବେସରକାରୀ କ୍ଷେତ୍ର ପିପିପି ମଡେଲରେ ସହାୟତା କରିପାରିବ । ପିଏମ- ଜେଏୱାଇ, ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଓ ନାଗରିକ ଡିଜିଟାଲ ସ୍ୱାସ୍ଥ୍ୟ ରେକର୍ଡ ସହ ଭାଗିଦାରୀ ହୋଇପାରିବ ।

ଭାରତକୁ ସୁସ୍ଥ ରଖିବା ପାଇଁ ଚାରି ସୂତ୍ରୀ ରଣନୀତି ଉପରେ ଆମ କାମ କରୁଛୁ:

ଅସୁସ୍ଥତା ପ୍ରତିରୋଧ ଓ ନିରାମୟତାକୁ ପ୍ରୋତ୍ସାହନ, ସବୁଠାରୁ ଦରିଦ୍ର ଲୋକଙ୍କୁ ଶସ୍ତା ଓ ପ୍ରଭାବଶାଳୀ ଚିକିତ୍ସା ଯୋଗାଇ ଦେବା, ସ୍ୱାସ୍ଥ୍ୟ ସେବା କର୍ମଚାରୀ ଓ ସ୍ୱାସ୍ଥ୍ୟ ଭିତିଭୂମିର ଗୁଣବତା ଓ ସଂଖ୍ୟା ବୃଦ୍ଧି ଏବଂ ପ୍ରତିବନ୍ଧକ ଅତିକ୍ରମ ପାଇଁ ସମୟାନୁଯାୟୀ ମିଶନ ମୋଡ ଓ କେନ୍ଦ୍ରୀଭୂତ ଭାବେ କାମ କରିବା

ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି

ଅସ୍ତ୍ରଶସ୍ତ୍ର ଓ ସାମରିକ ଉପକରଣ ପ୍ରସ୍ତୁତିରେ ଭାରତ ନିକଟରେ ଶହ ଶହ ବର୍ଷର ଅଭିଜ୍ଞତା ରହିଛି । ଏବେ ଭାରତ ନିଜ ଦକ୍ଷତା ଓ କ୍ଷମତା ବୃଦ୍ଧି କରୁଛି । ଭାରତ ପ୍ରତିରକ୍ଷା ସମ୍ବନ୍ଧୀୟ ୧୦୦ଟି ଗୁରୁତ୍ୱପୂର୍ଣ୍ଣ ଉପକରଣର ତାଲିକା ପ୍ରସ୍ତୁତ କରିଛି । ଏହାକୁ ନକାରାତ୍ମକ ତାଲିକା କୁହାଯାଉଛି। ସ୍ଥାନୀୟ ଉଦ୍ୟୋଗ ଦ୍ୱାରା ଏସବୁ ଉପକରଣ ପ୍ରସ୍ତୁତ ହୋଇପାରିବ । ଦିନେ ତେଜସ ଯୁଦ୍ଧ ବିମାନ ଫାଇଲରେ ରହି ଯାଇଥିଲା । ହେଲେ ସରକାର ନିଜ ଯନ୍ତ୍ରୀ ଓ ବୈଜ୍ଞାନିକମାନଙ୍କ ଦକ୍ଷତା ଉପରେ ଭରସା କରି ତେଜସ ବିକଶିତ କରିଥିଲେ । ଏବେ ତେଜସ ଗର୍ବର ସହ ଆକାଶରେ ଉଡୁଛି । କିଛି ସପ୍ତାହ ପୂର୍ବରୁ ତେଜସ ପାଇଁ ୪୮ ହଜାର କୋଟି ଟଙ୍କାର ଅର୍ଡର ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରତିରକ୍ଷା କ୍ଷେତ୍ରରେ ବଜେଟର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ:

- ୨୦୧୪ରୁ ସ୍ୱଚ୍ଛତା, ପୂର୍ବାନୁମାନ ଓ ଏଜ ଅଫ ଡୁଇଙ୍ଗ ବିଜିନେସ ସହ ଆମେ ଲଗାତର ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ରସର ହେଉଛୁ ।
- ଡି-ଲାଇସେନ୍ସିଂ, ଡି-ରେଗୁଲେସନ, ରପ୍ତାନୀ ପ୍ରୋତ୍ସାହନ, ବିଦେଶୀ ପୁଞ୍ଜି ନିବେଶ ଉଦାରୀକରଣ ଭଳି ଦୃଢ଼ ପଦକ୍ଷେପ ନିଆଯାଇଛି ।
- ପ୍ରତିରକ୍ଷା କ୍ଷେତ୍ରରେ ସ୍ୱୟଂ ସମ୍ପୂର୍ଣ୍ଣତାକୁ ସୈନିକ ଓ ଯୁବପୀଢ଼ିଙ୍କ ସଶକ୍ତିକରଣ ଭାବେ ଦେଖିବାକୁ ହେବ ।
- ଉତ୍ପାଦନ ସାଙ୍ଗକୁ ଡିଜାଇନିଂ ଓ ବିକାଶ ପାଇଁ ବେସରକାରୀ କ୍ଷେତ୍ରକୁ ଆଗେଇ ଆସିବାକୁ ଆହ୍ୱାନ ଦେଉଛି ।
- ସମୁଦାୟ ଉତ୍ପାଦନ କ୍ଷେତ୍ରର ମେରୁଦଣ୍ଡ ଭାବେ ଏମଏସଏମଇ କାମ କରୁଛି । ଏବେ ହୋଇଥିବା ସଂସ୍କାର ଦ୍ୱାରା ଏମଏସଏମଇଗୁଡିକୁ ଅଧିକ ସ୍ୱାଧୀନତା ମିଳିବ ଓ ବିସ୍ତାର ପାଇଁ ପ୍ରୋତ୍ସାହନ ମିଳିବ । ■

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ପାଇଁ କ୍ୟୁଆର କୋଡ ସ୍କାନ କରନ୍ତୁ।

ସ୍ୱତନ୍ତ୍ର ରିପୋର୍ଟ | ଆନ୍ତର୍ଜାତିକ ଜଙ୍ଗଲ ଏବଂ ଜଳ ଦିବସ

ପରିବେଶର ସୁରକ୍ଷା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ

ଗୋଟିଏ ସମୟରେ ଯେତେବେଳେ ପୃଥିବୀ ଜଳବାୟୁ ପରିବର୍ତ୍ତନକୁ ଦେଖୁଛି ଏବଂ ସମଗ୍ର ବିଶ୍ୱ ତାପାମାତ୍ରା ବୃଦ୍ଧି, ମରୁଡ଼ି, ବନ୍ୟା, ବନାଗ୍ନି, ବୃଷ୍ଟିପାତ ଏବଂ ତୁଷାରପାତର ପରିବର୍ତ୍ତନକୁ ସାମ୍ନା କରୁଛି, ଭାରତ ହେଉଛି ଏକମାତ୍ର ଦେଶ ଯିଏକି ୨୦୧୫ ପ୍ୟାରିସ ଚୁକ୍ତିନାମା ଅନୁଯାୟୀ ବିଶ୍ୱ ତାପାତ୍ରାକୁ ୨ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ କମାଇବାରେ ଉଚିତ ଭୂମିକା ଗ୍ରହଣ କରୁଛି ।ଯେହେତୁ ଆମେ ମାର୍ଚ୍ଚ ୨୧ କୁ ଆନ୍ତର୍ଜାତୀୟ ଜଙ୍ଗଲ ଦିବସ ଏବଂ ମାର୍ଚ୍ଚ ୨୨କୁ ଆନ୍ତର୍ଜାତୀୟ ଜଳ ଦିବସ ଭାବରେ ପାଳନ କରୁଛୁ, ଆମେ ଭାବିବା ଉଚିତ୍ ପରିବେଶ ସୁରକ୍ଷା ପାଇଁ ଆମେ କିଭଳି ସରକାରଙ୍କ ଉଦ୍ୟମରେ ସହଯୋଗ କରିପାରିବା ।

ପାରମ୍ପରିକ ଭାରତୀୟ ଚିନ୍ତାଧାରା ସର୍ବଦା ପ୍ରକୃତିକୁ ଦେବତା ଏବଂ ଏହାକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ବିଚାର କରିଥାଏ। ସମଗ୍ର ବିଶ୍ୱରେ ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠାରେ ନଦୀମାନଙ୍କୁ ପୂଜା କରାଯାଏ । ସମ୍ରାଟ୍ ଅଶୋକଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ପର୍ଯ୍ୟନ୍ତ, ଭାରତୀୟ ଚିନ୍ତାଧାରା ସର୍ବଦା ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ଅଗ୍ରାଧିକାର ଦେଇଥାଏ । ଫେବୃଆରୀ ୨୩, ୨୦୨୧ ରେ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭାଡେକର ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ପ୍ରତିନିଧିତ୍ୱ କରି " ଆର୍ନ୍ତଜାତୀୟ ଶାନ୍ତି ଓ ନିରାପତ୍ତା କ୍ଷେତ୍ରରେ ଜଳବାୟୁ ସମ୍ବନ୍ଧୀୟ ବିପଦ" ଶୀର୍ଷକ ଖୋଲା ବିତର୍କରେ ଶୁକ୍ଳ ଯଜୁର୍ବେଦ ଠାରୁ ପରିବେଶ ପାଇଁ ଦେଶର ପ୍ରତିବଦ୍ଧତା ସମ୍ପର୍କିତ ଏକ ଶ୍ଳୋକ ଆବୃତ୍ତି କରିଥିଲେ ।

ସେ କହିଥିଲେ: ଓଁ ଧୌ : ଶାନ୍ତିଅନ୍ତରୀକ୍ଷ ଶାନ୍ତି :,
ପୃଥିବୀ ଶାନ୍ତିରାପ: ଶାନ୍ତିରୋଷଧୟ: ଶାନ୍ତି ।
ବନସ୍ପତୟ: ଶାର୍ନ୍ତିବିଶ୍ୱେ ଦେବ: ଶାନ୍ତିରବ୍ରହ୍ମା ଶାନ୍ତି:,
ସର୍ବେ ଶାନ୍ତି:, ଶାନ୍ତିରେବ ଶାନ୍ତି:, ଶା ମା ଶାନ୍ତିରୋଧି ।

ଅର୍ଥ, ଆକାଶରେ, ମହାକାଶରେ ଶାନ୍ତି ବିସ୍ତାର ହେଉ । ସମଗ୍ର ପୃଥିବୀରେ, ଜଳରେ ଏବଂ ସମସ୍ତ ବୃକ୍ଷଲତା ଏବଂ ଔଷଧିୟ ବୃକ୍ଷରେ ଶାନ୍ତି ରାଜତ୍ୱ କରୁ । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଶାନ୍ତି ପ୍ରାଥମିକତାରେ ହେଉ । ସମସ୍ତ ପ୍ରାଥମିକ ଉପାଦାନରେ ଶାନ୍ତି ବଜାୟ ରହୁ । ଏବଂ ସର୍ବଶେଷରେ କେବଳ ଶାନ୍ତି ହିଁ ଶାନ୍ତି ରହୁ। ଆମର ଏବଂ ସମସ୍ତ ପ୍ରାଣୀଙ୍କ ପାଇଁ ଶାନ୍ତି, ଶାନ୍ତି ଏବଂ ଶାନ୍ତି! ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ର ଏକ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୩୮ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁଁ ମୃତ୍ୟୁବରଣ କରନ୍ତି । ବିଭିନ୍ନ ରିପୋର୍ଟ ଏବଂ ସର୍ବେକ୍ଷଣରୁ ଜଣାପଡିଛି ଯେ ପୃଥିବୀ ପୃଷ୍ଠରେ ଜଙ୍ଗଲ ଆବରଣ ସଂକୁଚିତ

ପରିବେଶ ସୁରକ୍ଷା ପଥରେ ଭାରତ

